# ସୁକିନ୍ଦାରେ ଜାଳେଣି ଗ୍ୟାସ୍ ସଙ୍କଟ

# ଗ୍ରୀଷ୍ମ ପ୍ରବାହରେ ରୋଷେଇ ଚିନ୍ତା

**ସୁକିନ୍ଦା, ୨୪।୪(ସମିସ)**



ଦୀର୍ଘଦିନ ଧରି ସୁକିନ୍ଦାରେ ଜାଳେଣି ଗ୍ୟାସରେ ଅଚଳାବସ୍ଥା ଦେଖାଦେଇଥିବା ବେଳେ ଗ୍ୟାସ୍ ପାଇବା ପାଇଁ ଦୈନିକ ଲୋକେ ଚାତକ ପରି ଘଣ୍ଟା ଘଣ୍ଟା ଜଗିରହିଥିବା ଦେଖିବାକୁ ମିଳୁଛି। ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଗ୍ୟାସ ପାଇଁ ଦେବାକୁ ପଡୁଛି ଅଗ୍ନି ପରୀକ୍ଷା। ସୁକିନ୍ଦାରେ (ଇଣ୍ଡେନ)ଗ୍ୟାସ ବିତରକ ପ୍ରମୋଦ କୁମାର ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗତ କିଛି ମାସ ଧରି ଠିକ୍ ନଥିବାରୁ ତାଙ୍କ ଅନୁପସ୍ଥିତିରେ ଗ୍ୟାସ୍ ବିତରଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ବିତରଣ କେନ୍ଦ୍ର ଉପରେ ସମଗ୍ର ସୁକିନ୍ଦା ଅଞ୍ଚଳର ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ନିର୍ଭର କରୁଥିବା ବେଳେ ବିତରଣ ଠପ୍ ହୋଇଯିବା ଘଟଣା ସମଗ୍ର ସୁକିନ୍ଦା ଅଞ୍ଚଳର ଆଲୋଡ଼ନ ସୃଷ୍ଟି କରିଛି। ଗ୍ୟାସ ନପାଇ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ସହ ହୋଟେଲ, ଜଳଖିଆ ଭଳି ବିଭିନ୍ନ ଦୋକାନ ବନ୍ଦ ହୋଇଥିବା ଦେଖାଦେଇଛି। ଗ୍ରାହକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ କାମାକ୍ଷାନଗର ଅଞ୍ଚଳର ଜଣେ ବିତରକଙ୍କୁ କିଛିଦିନ ପାଇଁ ସୁକିନ୍ଦା ବଣ୍ଟନ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଗ୍ୟାସ ବିତରଣର ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇନଥିବା କାରଣରୁ ବିତରଣ ସ୍ଥାନରେ ଦୈନିକ ସକାଳୁ ଶତାଧିକ ଉପଭୋକ୍ତା ଖାଲି ଟାଙ୍କି ଧରି ଘଣ୍ଟା ଘଣ୍ଟା ଜଗିରହି ଗ୍ୟାସ୍ ନପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। କମ୍ପାନୀ (ଇଣ୍ଡିଆନ ଅଏଲ) ଏହି ଘଟଣାକୁ ଗୁରୁତର ସହ ନେଇ ଏହାର ସ୍ଥାୟୀ ସମାଧାନ ନକରିବା ଘଟଣା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଅନେକ ଲୋକେ ଏ ଘଟଣାକୁ ନେଇ କମ୍ପାନୀର ସେଲ୍ସ ଅଫିସର ଓ ବରିଷ୍ଠ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କିଛି ସଚେତନ ନାଗରିକ ଘଟଣା ସମ୍ପର୍କରେ ସୁକିନ୍ଦା ବିଡିଓଙ୍କୁ ଅବଗତ କରାଇଥିଲେ କୌଣସି ସନ୍ତୋଷଜନକ ଉତ୍ତର ନପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି ପରିସ୍ଥିତିରେ ଲୋକେ କାହାକୁ ଦୁଃଖ ଜଣାଇବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପାଣିକୋଇଲିରେ ପାଣିର ସଙ୍କଟ

**ପାଣିକୋଇଲି, ୨୪।୪(ସମିସ):** ପ୍ରଚଣ୍ଡ ରୌଦ୍ରତାପକୁ ଗୁଳୁଗୁଳି। ଏହା ମଧ୍ୟରେ ଜଳକଷ୍ଟ। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିକୋଇଲି ପଞ୍ଚାୟତ ୪ଟି ରାଜସ୍ୱ ଗ୍ରାମ ଓ ୧୭ଟି ୱାର୍ଡ଼କୁ ଅଞ୍ଚଳରେ ଜଳସଂକଟ ଦେଖାଦେଇଛି। ଏହି ପଞ୍ଚାୟତରେ ମେଗା ପାନୀୟ ଜଳ ଯୋଗାଣ ସାତ ସପନ ହୋଇଥିବା ବେଳେ ପୂର୍ବରୁ ଦୁଇଟି ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଯାଉଥିଲା। ପାଇପ ଯାଇନଥିବାରୁ କେତେକ ୱାର୍ଡ ବା ରାଜସ୍ୱ ଗ୍ରାମରେ ଏହାର ସୁଯୋଗରୁ ବଞ୍ଚିତ ହୋଇଛନ୍ତି ଗ୍ରାମବାସୀ। ଅପରପକ୍ଷେ ଅନେକ ସ୍ଥାନରେ ପାଇପ ଭାଙ୍ଗି ଫାଟି ଯିବା ଯୋଗୁଁ ଜଳଯୋଗାଣ ହୋଇପାରୁ ନାହିଁ। ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ସାଧାରଣ ନଳକୂପରୁ ପାଣି ବାହାରୁ ନାହିଁ। ଏନେଇ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ବିଧାୟକ ଆକାଶ ଦାସନାୟକ ଓ କୋରେଇ ବିଡିଓଙ୍କୁ ଚିଠି ଲେଖି ଜଣାଇଛନ୍ତି। ତୁରନ୍ତ ଭଙ୍ଗା ପାଇପର ମରାମତି, ନୂତନ ନଳକୂପ ଖନନ ସହ ବର୍ତ୍ତମାନ ଟ୍ୟାଙ୍କର ଯୋଗେ ପାଣିଯୋଗାଣ ପାଇଁ ଦାବି କରିଛନ୍ତି।

**ବିଡିଓ ଓ ବିଧାୟକଙ୍କୁ ଚିଠି ଲେଖିଲେ ସରପଞ୍ଚ**

# ଶୌଚ ହେବାକୁ ଯାଇ କୃଷକ ନିଖୋଜ



**ଯାଜପୁର, ୨୪।୪(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଛତିଶ ଦେଉଳି ଗ୍ରାମର ଜଣେ କୃଷକ ନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଗ୍ରାମର ରମାକାନ୍ତ ମହାପାତ୍ର (ବୁଟୁ, ୩୮) ନିଜର ପୋଟଳ କିଆରିରେ କାମସାରି ସନ୍ଧ୍ୟା ସମୟରେ ଏକ ଟର୍ଚ୍ଚ ଧରି ନିକଟସ୍ଥ ଖରସ୍ରୋତା ନଦୀର ଶାଖାନଦୀ ତନ୍ତିଘାଇକୁ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନଥିଲା। ଘରକୁ ନ ଫେରିବାରୁ ଘରଲୋକଙ୍କ ସହ ଗ୍ରାମର ଲୋକମାନେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଉକ୍ତ ନଦୀରେ ବଡ଼ ବଡ଼ କୁମ୍ଭୀର ଥିବାରୁ ଗ୍ରାମବାସୀଙ୍କର ସନ୍ଦେହ ହୋଇଥିଲା। ନିକଟସ୍ଥ ସଦର ଥାନା ଏବଂ ଅଗ୍ନିଶମ ବାହିନୀର ସହଯୋଗ ନେଇଥିଲେ। ଖବର ପାଇ ଉଭୟ ଥାନା ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନିରାଶ ହୋଇ ଫେରି ଯାଇଥିଲେ। ଶୁକ୍ରବାର ସକାଳୁ ବରୁଆଁ ଓ ବରୀ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ବହୁ ଖୋଜାଖୋଜି ଜାରି ରଖିଥିବା ଜଣାପଡ଼ିଛି। ଖବର ଲେଖା ପର୍ଯ୍ୟନ୍ତ ନିଖୋଜ ରମାକାନ୍ତଙ୍କର କୌଣସି ଖବର ମିଳିନଥିଲା। ପ୍ରକାଶ ଥାଉକି ଚଳିତ ବର୍ଷ ଯାଜପୁର ଜିଲ୍ଲାର ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଖରସ୍ରୋତା, ବୁଢ଼ା ଓ ତନ୍ତିଘାଇରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ କୁମ୍ଭୀର ଥିବା ଏବଂ ୨୦ରୁ ଉର୍ଦ୍ଧ୍ୱ କୁମ୍ଭୀର ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇବା ଭଳି ଘଟଣା ଘଟିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଙ୍ଗଲ ବିଭାଗ ସହଯୋଗରେ କୁମ୍ଭୀରଗୁଡ଼ିକୁ ଧରି ନେବାକୁ ସାଧାରଣ ଲୋକେ ଦାବି ଜଣାଇଛନ୍ତି।

**କୁମ୍ଭୀର ଆକ୍ରମଣର ଶିକାର ହୋଇଥିବା ସନ୍ଦେହ**

# ଦାନଗଦିରେ ଜାତୀୟ ପଞ୍ଚାୟତିରାଜ ଦିବସ



**ଦାନଗଦି, ୨୪।୪(ସମିସ):** ଦାନଗଦି ବ୍ଲକ କାର୍ଯ୍ୟାଳୟଠାରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ବ୍ଲକର ମୋଟ ୧୫ଟି ବିଦ୍ୟାଳୟକୁ ଜମି ପଟ୍ଟା ବଣ୍ଟନ କରିଥିଲେ। ବସୁନ୍ଧରା ଯୋଜନାରେ ୭ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିବା ସହ ୨୭୧ ଜଣଙ୍କୁ ଜଙ୍ଗଲଜମି ଅଧିକାର ଆଇନ ବଳରେ ପଟ୍ଟା ବଣ୍ଟନ କରିଥିଲେ। ଏତଦବ୍ୟତିତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀଙ୍କୁ ରାସନ କାର୍ଡ ଓ ଆବାସ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଦାନଗଦି ତହସିଲଦାର ରଞ୍ଜିତ କୁମାର ମଲ୍ଲିକ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ଜେନା, ଦେଉଳକଣ ପଞ୍ଚାୟତ ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଧୀର, ସୁଧାଂଶୁ ଭଞ୍ଜ, କୃପାସିନ୍ଧୁ ସାମନ୍ତରାୟ, ବାବୁଲି ନାଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ମେଡିକାଲ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**କୟାଁଗୋଲା, ୨୪।୪(ସମିସ):** କର୍ତ୍ତବ୍ୟନିଷ୍ଠା ଓ ମଣିଷ ପଣିଆ ପାଇଁ ମଙ୍ଗଳପୁର ମେଡିକାଲ ସଫେଇ କର୍ମଚାରୀ ବିଷ୍ଣୁ ଚରଣ ଜେନା, ମଙ୍ଗଳପୁର ମେଡିକାଲ ସିକ୍ୟୁରିଟି ପ୍ରେମାନନ୍ଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ଫେବୃଆରୀ ୨୫ ତାରିଖରେ ଲାଲବାଗ ଛକ ନିକଟସ୍ଥ ଏକ ପୋଖରୀରୁ ଏକ ଗଳିତ ଶବ ମିଳିଥିଲା। ନିଜ କର୍ତ୍ତବ୍ୟ ସୁଚାରୁରୂପେ ନିର୍ବାହ କରିବା ସହ ଏହି ଦୁଇ କର୍ମଚାରୀ ପୁଲିସଙ୍କୁ ସହଯୋଗର ହାତ ବଢ଼ାଇ ପୋଖରୀ ପାଣିରେ ପଶି ମୃତଦେହକୁ ଉଦ୍ଧାର କରିଥିଲେ। ମଙ୍ଗଳପୁର ଥାନା ପରିସରରେ ପୂର୍ବାହ୍ନରେ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ମାଧ୍ୟମରେ ଉଭୟ ମେଡିକାଲ କର୍ମଚାରୀଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି। ଅନ୍ୟ ମାନେ ସେମାନଙ୍କ ଭଳି ହେବାକୁ ଉପସ୍ଥିତ ଥିବା ଏସ୍ଆଇ ଅନିତା ପ୍ରଧାନ ଆହ୍ୱାନ ଦେଇଥିଲେ। ଏହି ସମ୍ବର୍ଦ୍ଧିତ ଉତ୍ସବରେ ଥାନା ଏଏସ୍ଆଇ ଜଟାଧାରୀ ଦାସ, ଘନଶ୍ୟାମ ନାୟକ, ଅମୀୟ ପଣ୍ଡା ଉପସ୍ଥିତ ଥିଲେ।



# ସୁକିନ୍ଦା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ




**ସୁକିନ୍ଦା, ୨୪।୪(ସମିସ):** ସୁକିନ୍ଦା ପ୍ରେସ୍ କ୍ଲବର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାଳିଆପାଣି ସ୍ଥିତ ଓଡ଼ିଶା ଖଣି ନିଗମ କମ୍ୟୁନିଟି ସେଣ୍ଟରରେ ପ୍ରେସ୍ କ୍ଲବ ସଭାପତି ବିଶ୍ୱଜିତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ଲବ ସାଧାରଣ ସମ୍ପାଦକ ନୀଳମାଧବ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଟାଷ୍ଟିଲ (ଏଫ୍ଏ ଏମଡି) ଇଆଇସି ସୁଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ବିକାଶ କ୍ଷେତ୍ରରେ ସାମ୍ବାଦିକର ଦାୟିତ୍ୱବୋଧ ଉପରେ ମତବ୍ୟକ୍ତ କରିବା ସହ ସାମ୍ବାଦିକ ସମାଜର ଦର୍ପଣ ସଦୃଶ୍ୟ ବୋଲି କହିଥିଲେ। ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, କାଳିଆପାଣି ଥାନା ଅଧିକାରୀ ପ୍ରକାଶ ପ୍ରଧାନ ଯୋଗଦେଇଥିଲେ। ସାହିତ୍ୟିକ ଭାବେ ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମହାଗିରି ପ୍ରେସ୍ କ୍ଲବ୍ ଟମକା, ଭୁବନ ପ୍ରେସ କ୍ଲବ୍, ଚଣ୍ଡିଖୋଲ ପ୍ରେସ୍ କ୍ଲବକୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଙ୍ଗଠନ ସମ୍ପାଦକ ସତ୍ୟଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋଜ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ ମଞ୍ଚ ପରିଚାଳନା କରିଥିଲେ। ସୁକିନ୍ଦା ପ୍ରେସ୍ କ୍ଲବର ଉପସଭାପତି ବିମଳେନ୍ଦୁ ବେହୁରା, ସମ୍ପାଦକ ସରୋଜ ନାୟକ, କୋଷାଧ୍ୟକ୍ଷ ନିହାରକାନ୍ତ ପାତ୍ର, ସହ ସମ୍ପାଦକ ଅସିତ୍ କୁମାର ମହାନ୍ତ, କପିଳ ମହାନ୍ତ, ବରିଷ୍ଠ ସଭ୍ୟ ବିଶ୍ୱନାଥ ସାହୁ, ଲମ୍ବୋଦର ଦଳବେହେରା, ସୌମ୍ୟ ରଞ୍ଜନ ବାରିକ, ମନୋଜ ନାୟକ, ଏସ୍‌କେ କହୁର, ମଧୁସୂଦନ ବାରିକ, ମାର୍ଟିନ, ସାଗର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମାବେଶ

**ଧର୍ମଶାଳା, ୨୪।୪(ସମିସ):** ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ସମାବେଶ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଧର୍ମଶାଳା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ କରୁଣାକର ବରାଳ ସୂଚନା ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଭିକାରୀ ଚରଣ ମଳିକ ଆୟବ୍ୟୟ ହିସାବ ରଖିଥିଲେ। ପରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା, କାର୍ଯ୍ୟକାରୀ ସଭାପତି କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଉପସଭାପତି ଯୁଧିଷ୍ଠିର ସ୍ୱାଇଁ ଓ ବନମାଳି ରାଉତ, ସମ୍ପାଦକ ହୃଷୀକେଶ ସାମଲ, ସହ ସମ୍ପାଦକ ପିତବାସ ପାତ୍ର, ସଙ୍ଗଠନ ସମ୍ପାଦକ ବିବେକାନନ୍ଦ ନାୟକ, କୋଷାଧ୍ୟକ୍ଷ ଭାବେ ଭିକାରୀ ଚରଣ ମଳିକଙ୍କୁ ନିର୍ବାଚିତ କରାଯାଇଥିଲା। ବରିଷ୍ଠ ସଭ୍ୟ ଗୋଲକ ବିହାରୀ ନାଥ, ନରୋତ୍ତମ ଜେନା, ଦନେଇ ସାହୁ, ଶଶଧର ହୋତା, ଗଦାଧର ଦାଶଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୯ଜଣ ସଭ୍ୟଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ କରାଯାଇଥିବା ବେଳେ ଡା.ବିଜୟ କୁମାର ଶତପଥୀ, ଡ. ରମାକାନ୍ତ ଜେନା, ବ୍ରଜକିଶୋର ଦାଶ, ଧରଣୀ ଧର ଦାସ, କରୁଣାକର ବରାଳ, ଗୋଳକ ଚନ୍ଦ୍ର ପଲେଇ, ବସନ୍ତ କୁମାର ପରିଡ଼ା, କାହ୍ନୁଚରଣ ଦାଶ, ଅଜୟ କୁମାର ମହାପାତ୍ରଙ୍କୁ ଉପଦେଷ୍ଟା ଭାବେ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ଅଭୟା ନନ୍ଦ ଶାରଦା, ନିଗମାନନ୍ଦ ସାହୁ, ଅଭିମନ୍ୟୁ ଧଳ, ଯୁଗଳ କିଶୋର ଦାସ, ପୁରୁଷୋତ୍ତମ ଜେନା, ବୈକୁଣ୍ଠ କୁମାର ପାଣି, ରିଆଜୁଲ ହକ, ନୃସିଂହ ଚରଣ ରାଉତ, ବିନୋଦ ବିହାରୀ ରାଉତ, ଆକୁଳି ଚରଣ ସ୍ୱାଇଁ ଓ ଅମୁଲ୍ୟ କୁମାର ସୁତାର ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ପିତବାସ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ପରିସରରେ ଅଭ୍ୟର୍ଥନା ଗୃହ ଉଦ୍‌ଘାଟିତ



**ଧର୍ମଶାଳା, ୨୪।୪(ସମିସ):** ଧର୍ମଶାଳା ବ୍ଲକ ପରିସରରେ ନବନିର୍ମିତ ଅଭ୍ୟର୍ଥନା ଗୃହ ଆଜି ଉଦ୍‌ଘାଟିତ ହୋଇଯାଇଛି। ବ୍ଲକକୁ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକମାନଙ୍କ ବସିବା ପାଇଁ ବ୍ଲକ ପରିସରରେ କୌଣସି ବ୍ୟବସ୍ଥା ନଥିବାରୁ ଲୋକମାନେ ବିଶ୍ରାମ ନିମନ୍ତେ ବହୁ ଅସୁବିଧା ଭୋଗୁଥିଲେ। ଧର୍ମଶାଳା ବିଧାୟକ ଏହାକୁ ହୃଦୟଙ୍ଗମ କରି ସାଧାରଣ ଲୋକମାନଙ୍କ ପାଇଁ ବ୍ଲକ ପରିସରରେ ଏକ ଅଭ୍ୟର୍ଥନା ଗୃହ ନିର୍ମାଣ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳସ୍ୱରୂପ ବ୍ଲକ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଏକ ଅଭ୍ୟର୍ଥନା ଗୃହ ନିର୍ମାଣ କରାଯାଇଛି। ଯାହାକୁ ଆଜି ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଆଜି ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଅଭିଷେକ ରାଉତ, ବିଜେପି ନେତା କାହ୍ନୁଚରଣ ଦାଶ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ମାନେ ଉପସ୍ଥିତ ରହିଥିଲେ। ଏହି ଗୃହ ହେବା ଫଳରେ ଜରୁରୀ କାମରେ ବ୍ଲକକୁ ଆସୁଥିବା ସାଧାରଣ ଲୋକେ ସେଠାରେ ବିଶ୍ରାମ ନେଇପାରିବେ। ସାଧାରଣ ଲୋକମାନଙ୍କ ନିମନ୍ତେ ଅଭ୍ୟର୍ଥନା ଗୃହରେ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି।

# ଅଂଶୁଘାତରେ ବୃଦ୍ଧା ମୃତ୍ୟୁ ଅଭିଯୋଗ

**ବ୍ରହ୍ମବରଦା, ୨୪।୪ (ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ପଞ୍ଚାୟତ ବଡ଼ ନଅନଙ୍ଗରା ନାଳକୂଳ ଗ୍ରାମର କୋଇଲି ମଲିକ (୬୫) ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଖବର ମତେ ଆଜି ମଧ୍ୟାହ୍ନରେ କୋଇଲି ଗ୍ରାମ ନିକଟ ଦେଇ ଯାଇଥିବା ବ୍ରାହ୍ମଣୀ ଶାଖା କେଲୁଅ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ହେଲେ ଯିବା ସମୟରେ ନଦୀର ଗରମ ବାଲିରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ଏହା ଦେଖି ଭଗବାନପୁର ବ୍ରିଜ ଉପରେ ଯାଉଥିବା କିଛି ଲୋକ ଗ୍ରାମକୁ ଖବର ଦେଇଥିଲେ। ଘଟଣାସ୍ଥଳରେ କୋଇଲିଙ୍କ ପରିବାର ଲୋକେ ପହଞ୍ଚିଲାବେଳକୁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିବା ଜଣାପଡ଼ିଥିଲା। ଅଂଶୁଘାତଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ପୁଅ ଗୋପବନ୍ଧୁ ମଲିକ ଅନୁମାନ କରିଛନ୍ତି।

# ଭାଲୁ ହତ୍ୟାକାରୀ ଗିରଫ

**ବଡ଼ଚଣା, ୨୪।୪(ସମିସ):** ମଙ୍ଗଳବାର ବୈରୀସ୍ଥିତ ଡାକିଯୋଡ଼ା ରେଞ୍ଜ ଅଧୀନ ନଳିଦା ଜଙ୍ଗଲରୁ ଏକ ଭାଲୁର ମୃତଦେହ ବନ ବିଭାଗ ଉଦ୍ଧାର କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଏହା ଅତ୍ୟଧିକ ଖାଦ୍ୟଖାଇ ମରିଥିବା ରିପୋର୍ଟ ବାହାରିଥିବା ନିଜେ ଡାଲିଯୋଡ଼ା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି କହିଥିଲେ। ମାତ୍ର ରେଞ୍ଜରଙ୍କ ତଦନ୍ତ ପରେ ସେ ଜାଣିପାରିଲେ କି ନଳିଦା ଗାଁର ତିନିଜଣ ବ୍ୟକ୍ତି ବାର୍‌ହା ମାରିବାକୁ ଫାସ ବସାଇଥିଲେ। ଫାସ ପାଖରେ ଏକ ବିସ୍ଫୋରକ ସାମଗ୍ରୀ ରଖିଥିଲେ। ମାତ୍ର ଉକ୍ତ ଫାସରେ ବାର୍‌ହା ବଦଳରେ ଭାଲୁ ପଡ଼ିଯାଇଥିଲା ଏବଂ ବିସ୍ଫୋରଣରେ ଭାଲୁର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଗତକାଲି ରାତିରେ ବୈରୀ ରେଞ୍ଜରଙ୍କ ସହିତ ସମସ୍ତ କର୍ମଚାରୀ ନଳିଦା ଗାଁକୁ ଯାଇ ତପନ ଲେଙ୍କା(୩୭)ଙ୍କୁ ଗିରଫ କରିବା ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣ ଫେରାର ହୋଇଗଲେ। ତେବେ ଆଜି ଗୁରଫ ତପନକୁ କୋର୍ଟ ଚାଲାଣ କରାଯାଇଛି।

# ଗଛ ଉପରୁ ମାନସିକ ଭିନ୍ନକ୍ଷମ ଯୁବତୀ ଉଦ୍ଧାର

**ସୁକିନ୍ଦା, ୨୪।୪(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଏକ ଗଛ ଉପରୁ ଜଣେ ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ଅଗ୍ନିଶମ କର୍ମଚାରୀମାନେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ସୂଚନା ମୁତାବକ ମଙ୍ଗଳପୁର ଗ୍ରାମର କାହ୍ନୁ ମହାନ୍ତଙ୍କ ଝିଅ ଦେବକୀ ମହାନ୍ତ(୨୫) ଜଣେ ମାନସିକ ଭିନ୍ନକ୍ଷମ ରୋଗୀ। ଶୁକ୍ରବାର ସନ୍ଧ୍ୟାରେ ଘର ନିକଟରେ ଥିବା ଥିବା ଗଛରେ ଦେବକୀ ପାଖାପାଖି ୩୦ଫୁଟ ଉଚ୍ଚକୁ ଚଢ଼ି ଯାଇଥିବା ବେଳେ ଆଉ ଓହ୍ଲାଇ ନଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରିବାରେ ବିଫଳ ହେବା ପରେ ସୁକିନ୍ଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୁକିନ୍ଦା ଆଗ୍ନିକ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସତର୍କତା ଅବଲମ୍ବନ କରି ଦେବକୀଙ୍କୁ ଉଦ୍ଧାର କରିଥିବା ଦେଖିବାକୁ ମିଳିଛି।

# ଧର୍ମଶାଳାରୁ ଯୁବକକୁ ଉଠାଇନେଲା ମୁମ୍ବାଇ ପୁଲିସ

**ଧର୍ମଶାଳା, ୨୪।୪(ସମିସ):** ଏକ ଠକେଇ ମାମଲାରେ ସମ୍ପୃକ୍ତ ଧର୍ମଶାଳା ଥାନା ନେଉଳପୁର ଅଞ୍ଚଳର ଜଣେ ଯୁବକକୁ ମୁମ୍ବାଇ ପୁଲିସ ଉଠାଇ ନେଇଥିବା ଜଣାପଡ଼ିଛି। ସୂଚନା ମୁତାବକ ନେଉଳପୁର ଅଞ୍ଚଳର ସେକ୍ ଚାନ୍ଦଙ୍କ ପୁଅ ଅବଦୁଲ ମୁତଲିବ (୨୪) ଅନ୍‌ଲାଇନ ମାଧ୍ୟମରେ ମୁମ୍ବାଇ ଅଞ୍ଚଳର ଲୋକମାନଙ୍କ ଠାରୁ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ମୁମ୍ବାଇ ପୁଲିସ ନିକଟରେ ଗତ ବର୍ଷ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ମୁମ୍ବାଇ ପୁଲିସ ୮୪୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ନେଉଳପୁର ଅଞ୍ଚଳର ଅବଦୁଲ ମୁତଲିବର ନାମ ସାମ୍ନାକୁ ଆସିଥିଲା। ଗତକାଲି ରାତିରେ ଧର୍ମଶାଳା ପୁଲିସ ସହାୟତାରେ ମୁମ୍ବାଇ ପୁଲିସ ଅଭିଯୁକ୍ତର ଘରେ ଚଢ଼ଉ କରି ତାକୁ ଗିରଫ କରିଛି। ଆଜି ଅଭିଯୁକ୍ତ ମୁତଲିବକୁ କୋର୍ଟରେ ହାଜର କରାଇ ରିମାଣ୍ଡରେ ମୁମ୍ବାଇ ନେଇଥିବା ଜଣାପଡଛି। ଏହି ଘଟଣା ସମ୍ପର୍କରେ ଅଭିଯୁକ୍ତର ପରିବାର ଲୋକଙ୍କ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ।

# ବିରଜା ସେବା ସମିତିର ମାସିକ ବୈଠକ

**ଯାଜପୁର, ୨୪।୪(ସମିସ):** ଶ୍ରୀବିରଜା ସେବା ସମିତିର ମାସ ଶେଷ ବୈଠକ ବିରଜା ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଅନୁପସ୍ଥିତ ଥିବାରୁ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଗତ ବିବରଣୀ ପାଠ କରିଥିଲେ। ପ୍ରତିବର୍ଷପରି ଏବର୍ଷ ସମିତିର ସାଧାରଣ ସଭା ଆସନ୍ତା ଜୁନ୍ ୨୮ ତାରିଖ ରବିବାର ହେବାକୁ ଆପାତତଃ ସ୍ଥିର ହୋଇଥିଲା।। ଓଡ଼ିଶା ସରକାରଙ୍କ ବୋର୍ଡ ଅଫ୍ ରେଭିନ୍ୟୁ ସଂସ୍ଥାର ବିଜ୍ଞପ୍ତି ଅନୁସାରେ ଆସନ୍ତା ମେ ୨୧ ତାରିଖ ସୁଦ୍ଧା ବିରଜା ସେବାସମିତିର ପଞ୍ଜୀକରଣ ନବୀକରଣ ସଂକ୍ରାନ୍ତୀୟ କାଗଜପତ୍ର ପ୍ରସ୍ତୁତ କରିବା ପାଇଁ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ସଭ୍ୟ ଭରତ ଚନ୍ଦ୍ର ସାହୁ, ଜଗତ୍ ନାୟକ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଓ କୋଷାଧ୍ୟକ୍ଷ ହରିହର ବେହେରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ ବିଭାଗରେ ଅନୁସନ୍ଧାନ କରି ବିହୀତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦାୟିତ୍ୱ ନେବାକୁ ସଭା ଅନୁରୋଧ କଲା। ସମସ୍ତ ପ୍ରସ୍ତାବ ସଭାରେ ଗୃହିତ ହେଲା। ଉପସ୍ଥିତ ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ, ମିହିର ରଞ୍ଜନ ନାୟକ, ହରିହର ବେହେରା, ଜଗତ୍ ନାୟକ, ମଳୟ କୁମାର ପଣ୍ଡା, ସୁଧାରଞ୍ଜନ ପଣ୍ଡା, ଭରତ ସାହୁ, ଧନଞ୍ଜୟ କେଶରୀ ରାଉତରାୟ ପ୍ରମୁଖ ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ସୁକିନ୍ଦା, ୨୪।୪(ସମିସ):** ସୁକିନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ବଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୁକିନ୍ଦା ରାଜାସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଉପସ୍ଥିତିରେ କର୍ତ୍ତା ଭାବେ ବୈକୁଣ୍ଠ ଦ୍ୱିବେଦୀ ଓ ପତ୍ନୀ କନକଲତା ଦ୍ୱିବେଦୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅକ୍ଷୟ ତୃତୀୟା ପୂର୍ବଦିନ ଶତାଧିକ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସହ କଳସ ଯାତ୍ରାରେ ଯାଇ ଯଥାବିଧି ପୂଜାର୍ଚ୍ଚନା କରିବା ପରେ କଳସ ନେଇ ପୂଜା ମଣ୍ଡପ ନିକଟରେ ସ୍ଥାପନା କରିଥିଲେ। ଅକ୍ଷୟ ତୃତୀୟା ଦିନ ସକାଳୁ ସୂର୍ଯ୍ୟ ପୂଜା, ଗୋ ପୂଜା ଓ ବସୁଧା ମାଙ୍କ ପୂଜା କରାଯିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହୋଇଥିଲା। ତିନିଦିନ ଧରି ଏହି କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଦୈନିକ ଭକ୍ତ ମାନଙ୍କୁ ଥଣ୍ଡା ପାନୀୟ ଜଳ ଓ ଦହିପାଣି ବଣ୍ଟନ କରିଥିଲେ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସମାଜ ମଙ୍ଗଳ କାମନା କରିଥିଲେ। ସମସ୍ତ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଚଳିତ ବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି।

# ଅଭିରାମ ପଣ୍ଡାଙ୍କ ସ୍ମୃତିସଭା

**ଧର୍ମଶାଳା, ୨୪।୪(ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ନିବାସୀ ଅଭିରାମ ପଣ୍ଡାଙ୍କ ବିୟୋଗରେ ମା’ କରଞ୍ଜେଇ ମନ୍ଦିର ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡା, ସମାଜସେବୀ ମିନତୀ ସାହୁ, କୃଷକନେତା ବସନ୍ତ ପରିଡ଼ା, ସାହିତ୍ୟ ପତ୍ରିକା ‘ସମ୍ଭବ’ର ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଧର୍ମଶାଳା ମହୋତ୍ସବ କମିଟିର ସଭାପତି ରବିନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ନାୟକ, ଅବସରପ୍ରାପ୍ତ ଶିକ୍ଷକ ନିଗମାନନ୍ଦ ସାହୁ, ସାମ୍ବାଦିକ ଅବିନେଶ୍ୱର ଶତପଥି, ଧନଞ୍ଜୟ ପ୍ରଧାନ, ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ନାରାୟଣ ମଲ୍ଲିକ, ପବିତ୍ର ବିଶ୍ୱାଳ, ବନମାଳୀ ରାଉତ, ବିନୋଦ ବିହାରୀ ରାଉତ, ନିହାର ମୁଦୁଲି, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ରମକ୍ଷମଣୀ ମିଶ୍ର ଓ ଶୁଭଶ୍ରୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରାଜୀବ ଲୋଚନ ପଣ୍ଡା, ସଞ୍ଜୀବ କୁମାର ପଣ୍ଡା ଓ ପ୍ରକାଶ କୁମାର ଶତପଥୀ ପ୍ରମୁଖ ପରିଚାଳନା ରେ ସହାୟତା କରିଥିଲେ। ଶେଷରେ ପରିବାର ତରଫରୁ ଝୁନୁଲତା ପଣ୍ଡା ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀକୁ ଖସିଲା ଟ୍ରାକ୍ଟର; ଚାଳକ ମୃତ

ଭଦ୍ରକ,୨୪।୪(ସମିସ)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବାଲିଆପାଳରେ ନିର୍ମାଣାଧୀନ ପୋଲ ନିକଟରେ ନଦୀକୁ ମାଟି ବୋଝେଇ ଟ୍ରାକ୍ଟର ଖସିପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଜଣକ ହେଉଛନ୍ତି ସ୍ଥାନୀୟ ବାଲିଦାଣ୍ଡି ଗ୍ରାମର ଲିପୁନ ବାରିକ। ବଜରାପୁର ପଞ୍ଚାୟତର ବାଲିଆପାଳ ନିକଟ ମନ୍ତେଇ ନଦୀ ଉପରେ ନୂତନ ସେତୁର ନିର୍ମାଣ ଚାଲିଛି। ସେତୁର ଆପ୍ରୋଚ୍ ରୋଡ ପାଇଁ ମାଟି ପକା କାର୍ଯ୍ୟ ଏବେ ଚାଲଇଥିବାବେଳେ ଏଥିରେ ନିୟୋଜିତ ଟ୍ରାକ୍ଟରଗୁଡ଼ିକ ମଧ୍ୟରୁ ଏକ ମାଟି ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ନଦୀ ଭିତରକୁ ଓଲଟି ପଡ଼ିଥିଲା। ଅନ୍ୟ ଟ୍ରାକ୍ଟରର ଡ୍ରାଇଭର ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ପଠାଇ ଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ପୋଲ ନିର୍ମାଣ କରୁଥିବା ଠିକା ସଂସ୍ଥା ଅନଭିଜ୍ଞ ଓ ନାବାଳକ ଡ୍ରାଇଭରଙ୍କ ହାତରେ ଟ୍ରାକ୍ଟର ଧରାଇ କମ ଦରମାରେ କାମ କରୁଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି। ଏଥି ସହିତ ଠିକା ସଂସ୍ଥା ଶ୍ରମିକଙ୍କ ସୁରକ୍ଷା ପ୍ରତି କୌଣସି ଦୃଷ୍ଟି ଦେଉ ନାହଁ ବୋଲି ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି।



## ଦୁର୍ଘଟଣାରେ ଗାଡ଼ି ଚାଳକଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ,୨୪।୪(ସମିସ): ଆଜି ପୂର୍ବାହ୍ନରେ ୧୬. ନଂ ଜାତୀୟ ରାଜପଥ ଉପରେ ଟ୍ରେଲର ଧକ୍କାରେ ଜଣେ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏନ୍‌ଏଲ୍‌୦୧. ଏ. ଜି ୫ ୫ ୩ ୯ ନମ୍ବର ବିଶିଷ୍ଟ ଗାଡ଼ିକୁ ଚାଳକ ରାସ୍ତା କଡ଼ରେ ଛିଡ଼ା କରି ରାସ୍ତା ଏପାଖରୁ ସେପାଖକୁ ଅତିକ୍ରମ କରିବା ସମୟରେ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ ପ୍ଲାଜା ଠାରୁ ଭଣ୍ଡାରିପୋଖରୀ ତହସିଲ ପର୍ଯ୍ୟନ୍ତ ବହୁ ବେଆଇନ ଗୁମୁଟି, ଢାବା, ଠେଲା ଧାଡି ଧାଡି ହୋଇ ଯାନବାହନ ଚଳାଚଳ ପ୍ରତି ଗୁରୁତର ବାଧା ସୃଷ୍ଟି କରୁଛି। ଏହି ସବୁ ଦୋକାନ ସମ୍ମୁଖରେ ଯାନବାହନଗୁଡ଼ିକ ପାର୍କିଂ କରିବା ଦ୍ୱାରା ରାଜପଥ ଅବରୋଧ ହେଉଛି। ଏପରିକି ଦୋକାନଗୁଡିକ ସମ୍ମୁଖରେ ଗରାଖମାନେ ଗହଳି କରୁଛନ୍ତି। ଫଳରେ ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବହୁ ସମୟରେ ଜାରୁରୀକାଳୀନ ଯାନବାହନଗୁଡିକ ଯାତାୟାତରେ ବ୍ୟାଘାତ ଉପୁଜୁଛି। ଢାବା ଓ ଗୁମୁଟି ଦୋକାନରେ ବହୁ ଅସାମାଜିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ନିଶା ଦ୍ରବ୍ୟ ବିକ୍ରି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।



**ସକାଳ’ ପ୍ରଭାବ**

## ଭତ୍ତା ପାଇଲେ ସ୍ୱର୍ଣ୍ଣପ୍ରଭା



ଦୋଳସାହି,୨୪।୪(ସମିସ): ତିହିଡ଼ି ବ୍ଲକରେ ଜଣେ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଉନଥିବା ଖବର ଦୈନିକ “ସକାଳ’ରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ସରକାର ତତ୍ପରତା ପ୍ରକାଶ କରି ତାଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ଗୁଆମାଳ ପଞ୍ଚାୟତ ୭ନମ୍ବର ୱାର୍ଡର ସ୍ୱର୍ଣ୍ଣପ୍ରଭା ଜେନା (୧୨) ଜଣେ ଦିବ୍ୟାଙ୍ଗ। ତାଙ୍କୁ ସରକାରଙ୍କ ତରଫରୁ ଏବେ ଭତ୍ତା ପ୍ରଦାନ କରାଯାଇଛି। ଶୁକ୍ରବାର ତିହିଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ଭତ୍ତା ମିଳିବା ପରେ ବ୍ଲକ୍ ପ୍ରଶାସନ ଓ “ସକାଳ’କୁ ତାଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଦୋଳସାହି,୨୪।୪(ସମିସ): ତିହିଡି ଥାନା ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗାଁର ସୁପର୍ଣ୍ଣା ପୁହାଣ (୨୯) ନାମ୍ନୀ ଜଣେ ମହିଳାଙ୍କୁ ଗୁରୁବାର ତାଙ୍କ ଶାଶୁଘର ଲୋକେ ହତ୍ୟା କରି ଫ୍ୟାନରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମୃତାଙ୍କ ମା'ମଞ୍ଜୁଲତା ପୁହାଣ ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରିଛି। ଏଥିସହ ପୁଲିସ ମୃତା ମହିଳାଙ୍କ ସ୍ୱାମୀ କକେଇ ପଣ୍ଡାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି। ସୂଚନରଯୋଗ୍ୟ, ମଙ୍ଗରାଜପୁର ଗାଁର ରାମଚନ୍ଦ୍ର ପଣ୍ଡାଙ୍କ ପୁଅ କକେଇ ୬ମାସ ପୂର୍ବେ ତିହିଡି ଥାନା ଗୁଆମାଳ ପଞ୍ଚାୟତ ଈଶାଣପୁର ଗାଁର ଶରତ ପୁହାଣଙ୍କ ଝିଅ ସୁପର୍ଣ୍ଣାଙ୍କୁ ୨ୟ ବିବାହ କରିଥିଲେ। ବିବାହର କିଛିଦିନ ପରେ ସୁପର୍ଣ୍ଣାଙ୍କୁ ତାଙ୍କ ଶାଶୁଘର ଲୋକମାନେ ନିର୍ଯାତନା ଦେଇଥିଲେ। ନିର୍ଯାତନା ସମ୍ପର୍କରେ ସୁପର୍ଣ୍ଣା ଟେଲିଫୋନ ଯୋଗେ ତାଙ୍କ ମା’ଙ୍କୁ ଜଣାଇଥିଲେ। ମାତ୍ର ଗୁରୁବାର ସନ୍ଧ୍ୟାରେ ସୁପର୍ଣ୍ଣାଙ୍କୁ ତାଙ୍କ ଶାଶୁଘର ଲୋକେ ହତ୍ୟା କରି ଏକ ଶାଢ଼ି ସହାୟତାରେ ଫ୍ୟାନରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁପର୍ଣ୍ଣାଙ୍କ ମୃତଦେହ ଝୁଲୁଥିବା ଘରର ଭିତର ପଟୁ ବନ୍ଦ ଥିବାରୁ ପୁଲିସ ଘର କବାଟ ଭାଙ୍ଗି ମୃତଦେହକୁ ଜବତ କରିଥିଲା। ପରେ ପୁଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## କଳା ପଟି ବାନ୍ଧି ପଞ୍ଚାୟତିରାଜ ଦିବସକୁ ବିରୋଧ

ବାସୁଦେବପୁର,୨୪।୪(ସମିସ): ବାସୁଦେବପୁର ବ୍ଲକ୍ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସମୟରେ ମୁଣ୍ଡରେ କଳା ପଟି ବାନ୍ଧି ବିରୋଧ କରିଛନ୍ତି କେତେକ ପ୍ରତିନିଧି। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରଦୀପ ଶୁଭାରମ୍ଭ କରିଥିଲେ। ଏହି ସମୟରେ ସରପଞ୍ଚ ଓ ସମିତି ସଭ୍ୟମାନେ ମୁଣ୍ଡର କଳା ପଟି ବାନ୍ଧି କନଫରେନ୍ସ ହଲକୁ ପଶିଥିଲେ। ପିଆର୍‌ଆଇ ମେମ୍ବର କଳା ଦିବସ ପାଳିଥିଲେ। ଓଡ଼ିଶାର ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତରାଜ ଦିବସ ଭାବେ ପାଳିତ ହୋଇ ଆସୁଥିଲା। ବିଜେପି ସରକାର ଆସିବା ପରେ ଅପ୍ରେଲ୨୪ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଛନ୍ତି। ବାସୁଦେବପୁର ବ୍ଲକର କନଫରେନ୍ସ ହଲ ପରିସରରେ ପାଳିତ ହେବାକୁ ଚାଲିଥିଲା ପ୍ରସ୍ତୁତି। ଏହି ସମୟରେ ବାସୁଦେବପୁର ବ୍ଲକର ସରପଞ୍ଚ ଓ ସମିତିସଭ୍ୟା/ ସଭ୍ୟାମାନେ ମୁଣ୍ଡର କଳା ପଟି ବାନ୍ଧି ବିରୋଧ କରି ହଲକୁ ପଶିଥିଲେ। ସରକାରଙ୍କ ପଞ୍ଚାୟତିରାଜ ଦିବସକୁ ବିରୋଧ କରି ସରପଞ୍ଚ ଓ ସମିତି ସଭ୍ୟମାନେ ତଳେ ବସିରହିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଓ ଏବିଡିଓ ମୃତ୍ୟୁଞ୍ଜୟ ନାୟକ ଆସନରେ ବସିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ବେଳକୁ ପିଆରଆଇ ବର୍ଜନ କରି ମେମ୍ବର ହଲ ଛାଡି ସବୁ ବାହାରକୁ ପଳାଇ ଆସିଥିଲେ। ବାସୁଦେବପୁର ବ୍ଲକର ସମ୍ବିଧାନକୁ ଚଲୁ କରି ଗ୍ରାମ ସଭାର କାମକୁ ପ୍ରାଧାନ୍ୟ ନଦେଇ ମନମୁଖୀ କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରିଥିଲେ। ବିଜିବିଓ (ବିକଶିତ ଗାଁ ବିକଶିତ ଓଡ଼ିଶା)ରେ ପ୍ରକଳ୍ପ ମନମୁଖୀ ଭାବେ ପ୍ରଦାନ କରାଯାଇଛି ବୋଲି କହି ସରପଞ୍ଚ ଓ ସମିତିସଭ୍ୟମାନେ ବିରୋଧ କରିଥିଲେ।ଆଗାମୀ ଦିନରଯଦି ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନଯିବ ଆସନ୍ତା ୨୭ ତାରିଖ ଠାରୁ ଆମରଣ ଅନଶନ କରିବେ ବୋଲି ସରପଞ୍ଚ ସଂଘର ସଭାପତି ଆଦିତ୍ୟ କୁମାର ଗିରି, ସମ୍ପାଦକ ଚନ୍ଦ୍ରକାନ୍ତ ମଳିକ, ରମେଶ ଚନ୍ଦ୍ର ବଳ, ରାଜେନ୍ଦ୍ର ପ୍ରସାଦ ସାହୁ, ନିରୁପମା ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।ପୁଲିସ ଘଟଣାସ୍ଥଳର ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



## ତିହିଡ଼ି ଯୁବମଞ୍ଚ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ଭଦ୍ରକ,୨୪।୪(ସମିସ):ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଏବଂ ଦୃଷ୍ଟିହୀନତା ଦୂରୀକରଣ ଲକ୍ଷ୍ୟ ନେଇ ଅଗ୍ରଣୀ ସାମାଜିକ ସଂଗଠନ ‘ତିହିଡ଼ି ଯୁବମଞ୍ଚ’ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ତିହିଡ଼ି ସଂଗୀତ ମହାବିଦ୍ୟାଳୟ ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଅତ୍ୟାଧୁନିକ ସରଞ୍ଜାମ ସଜ୍ଜିତ ଭ୍ରାମ୍ୟମାଣ ଯାନ ଜରିଆରେ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ଏବଂ ସଂଗଠନର ଉପଦେଷ୍ଟା ସଚିକାନ୍ତ ନାୟକ ସମ୍ମିଳିତ ଭାବେ ଉଦଘାଟନ କରିଥିଲେ। ସମାଜରେ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ ଏବଂ ନିୟମିତ ଚକ୍ଷୁ ପରୀକ୍ଷାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଏହି ଚକ୍ଷୁ ଶିବିରରେ ସଂଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ, ସନାତନ ସାହୁ ଏବଂ ସଂଯୋଜକ ତଥା ଆଇନଜୀବୀ ନୀଳମାଧବ ସେନାପତି ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସିଥିବା ରୋଗୀଙ୍କୁ ଯତ୍ନ ନେବା ସହ ସେମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଉଚିତ୍ ପରାମର୍ଶ ଦେଇଥିଲେ। କ୍ୟାମ୍ପ ପରିଚାଳକ ରାମଚନ୍ଦ୍ର ବେହେରାଙ୍କ ସମେତ ସ୍ୱାସ୍ଥ୍ୟ କର୍ମୀ ଗାୟତ୍ରୀ ଯେନା, ବସନ୍ତ ନାୟକ, ପ୍ରଭାକର ବେହେରା ଓ ସଚିନ ହେମ୍ବ୍ରମ ଚିକିତ୍ସା କାର୍ଯ୍ୟରେ ସହାୟତା କରିଥିଲେ। ଶିବିର ପରିଚାଳନାରେ ଯୁବମଂଚର ସଦସ୍ୟ ରେଣୁବାଳା ନାଥ, ସୟଦ ରଫିକ, ରଘୁନାଥ ସାହୁ, ନବ କୁମାର ବେହେରା, ରାକେଶ ବିଶ୍ୱାଳ ଓ ବ୍ରହ୍ମାନନ୍ଦ ପତି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପ୍ରକାଶ ଥାଉକି ଏହି ଶିବିରରେ ସ୍ଥାନୀୟ ଅଂଚଳର ମୋଟ ୭୮ ଜଣ ରୋଗୀ ସେମାନଙ୍କର ଚକ୍ଷୁ ପରୀକ୍ଷା ଓ ମାଗଣା ଚିକିତ୍ସା ସେବା ଗ୍ରହଣ କରିଥିଲେ। ଯୁବମଞ୍ଚର ଏହି ଜନହିତକର କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

## ପୂର୍ବ ଶତ୍ରୁତାରୁ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଶିକ୍ଷକଙ୍କ ଗିରଫ ଦାବି

ଧାମନଗର,୨୪।୪(ସମିସ):ଧାମନଗର ଏନ୍‌ଏସି ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଗତି ଶାମପୁରର ପ୍ରଧାନଶିକ୍ଷକ ସେକ ସମସୁଦ୍ଦିନ ଧାମନଗର ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ସେକ ଜାଫର ଅଲ୍ଲୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ବୁଧବାର ଧାମନଗର ଥାନାରେ ଅଭିଯୋଗ ହୋଇଛି। ସାମ୍ବାଦିକଙ୍କ ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଶୁଭ୍ରଜିତ ଦାଶ କେସ ନମ୍ବର୍ ୧୭୪/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ପାଇଁ ଏଏସ୍‌ଆଇ ଲୋରେନ୍ସ କୁଜୁରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତଦନ୍ତ ଅଧିକାରୀ ଗୁରୁବାର ସକାଳ ୯ଟାରେ ଘଟଣାସ୍ଥଳ ଖାନକା ଅଫିସକୁ ଯାଇଥିଲେ। ସେଠାରେ ଉପସ୍ଥିତ ଲୋକଙ୍କୁ ପଚରାଉଚରା ପରେ ସିସିଟିଭିରୁ ଗଣ୍ଡଗୋଳର ଫୁଟେଜ୍ ସଂଗ୍ରହ କରିବାକୁ ଉଦ୍ୟମ କରିଥିବାବେଳେ କମିଟିର ଉପସଭାପତି, ସମ୍ପାଦକ ଏବଂ ବରିଷ୍ଠ ସଭ୍ୟ ଜଣକ ଅଭିଯୁକ୍ତ ଶିକ୍ଷକଙ୍କ ଚାପରେ ପୁଲିସକୁ ଫୁଟେଜ୍ ନଦେବାକୁ ରୋକଟୋକ୍ ମନା କରିଦେଇଥିଲେ। ଥାନା ଅଧିକାରୀଙ୍କୁ ଫୁଟେଜ୍ ସମ୍ପର୍କରେ ପଚାରିବାରୁ ତଦନ୍ତ ଅଧିକାରୀ ପୁଣି ଯାଇ ଏହା ସଂଗ୍ରହ କରିବେ ବୋଲି ଆଇଆଇସି ଶୁଭ୍ରଜିତ ଦାଶ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ ସାମ୍ବାଦିକ ସେକ ଜାଫର ଗତ ୧୬ ତାରିଖ ରାତି ପ୍ରାୟ ୧୦ଟାରେ ପୀରବାବାଙ୍କୁ ଦର୍ଶନ କରିବା ପାଇଁ ଖାନକା ସରିଫକୁ ଯାଇଥିଲି। ପୀରବାବାଙ୍କୁ ଦର୍ଶନ ପରେ ବ୍ୟକ୍ତିଗତ କାମ ସାରି ୧୦ଟା ୪୦ମିନିଟରେ ଘରକୁ ଫେରିବା ବେଳେ ଖାନକା ସରିଫ ଅଫିସ ସମ୍ମୁଖରେ ପୂର୍ବ ଶତ୍ରୁତାକୁ ନେଇ ଶିକ୍ଷକ ସେକ ସମସୁଦ୍ଦିନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରକାଶ ଥାଉକି ଅଭିଯୁକ୍ତ ଶିକ୍ଷକଙ୍କ ନାମରେ ପୂର୍ବରୁ ବିଭିନ୍ନ ଗଣ୍ଡଗୋଳ ଓ ମାରପିଟ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି।ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହିତ ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଭିନ୍ନ ସାମ୍ବାଦିକ ସଂଘ ତରଫରୁ ଦାବି ହୋଇଛି।





## ମହିଳା ମହାବିଦ୍ୟାଳୟରେ ରେଡ୍ ରିବନ୍ କ୍ଲବ୍ କର୍ମଶାଳା



ଭଦ୍ରକ,୨୪।୪(ସମିସ): ଭଦ୍ରକ ମହିଳା ମହାବିଦ୍ୟାଳୟର ରେଡ୍ ରିବନ କ୍ଲବ୍ ପକ୍ଷରୁ ଏଚ୍‌ଆଇଭି/ଏଡସ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଡ୍ ରିବନ୍ କ୍ଲବ୍ ହେଉଛି ମହାବିଦ୍ୟାଳୟସ୍ତରରେ ଏକ ଯୁବ ସଚେତନତା ଅଭିଯାନ, ଯେଉଁଥିରେ ଛାତ୍ରଛାତ୍ରୀ ଏଚ୍‌ଆଇଭି/ଏଡସ ବିଷୟରେ ସଠିକ୍ ତଥ୍ୟ ଜାଣିବା ସହ ଅନ୍ୟମାନଙ୍କୁ ସଚେତନ କରନ୍ତି ଓ ସମାଜ ସେବା କାର୍ଯ୍ୟରେ ଯୋଗଦେଇଥାନ୍ତି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ମହିଳା ମହାବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରି ଏଚଆଇଭି/ଏଡସ ସମ୍ପର୍କରେ ସଚେତନତା ବଢ଼ାଇବା, ସୁସ୍ଥ ଜୀବନ ଶୈଳୀ ଗଠନ କରିବା ଓ ରକ୍ତଦାନକୁ ପ୍ରୋତ୍ସାହନ ଦେବା ସମ୍ପର୍କରେ ଅବଗତ କରାଇଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱେଚ୍ଛାସେବୀ ସଂସ୍ଥା ଫଫେଲୋସିପ’ର ନିର୍ଦ୍ଦେଶକ ଏସ୍ ଏମ୍ ଫାରୁକି, ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଭଦ୍ରକ ଡିପିଏମ୍ ଦେବବ୍ରତ ଦାଶ। ଫଫେଲୋସିପ’ର ପ୍ରୋଜେକ୍ଟ ମ୍ୟାନେଜର ସାବିତ୍ରୀ ବିଶ୍ୱାଳ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିବାବେଳେ ରେଡ୍ ରିବନ କ୍ଲବର ସଂଯୋଜିକା ଡ.ଶୁଭଶ୍ରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଳୁନି ଉପଯୁକ୍ତ ସେବା, ବ୍ୟାଙ୍କରେ ହନ୍ତସନ୍ତ ମହିଳା ଗ୍ରାହକ

ବାରିକପୁର,୨୪।୪(ସମିସ): ବିଭିନ୍ନ ବ୍ୟାଙ୍କରେ ଏବେ ମହିଳା ମାନଙ୍କର ଅର୍ଥନୈତିକ କାରବାର ବୃଦ୍ଧି ପାଇଛି। ସରକାରୀ ଓ ବେସରକାରୀ ଭାବେ ଋଣ ଦେଣନେଣ ପାଇଁ ଦୈନିକ ବ୍ୟାଙ୍କ କାର୍ଯ୍ୟାଳୟଗୁଡିକରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହେଉଛି। ପରିତାପର ବିଷୟ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କରେ ମହିଳା ମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁବିଧା ନାହିଁ। ବ୍ୟାଙ୍କକୁ ଯାଉଥିବା ଗ୍ରାମାଞ୍ଚଳ ମହିଳା ମାନେ ତଳେ ବସି ବିଭିନ୍ନ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ, ପାନୀୟ ଜଳ ବ୍ୟବସ୍ଥା, ବିଶ୍ରାମ ଗୃହ ମଧ୍ୟ ନାହିଁ। ବ୍ୟାଙ୍କରୁ ଋଣ ନେଇ ମହିଳା ମାନେ ନିୟମିତ ପରିଶୋଧ କରୁଥିବା ବେଳେ ସେମାନଙ୍କ ଟଙ୍କାରେ ସଂସ୍ଥା ଅର୍ଥନୈତିକ ଭାବେ ସୁଦୃଢ ହେଉଛି। ଏପଟେ ସେହି ଗ୍ରାହକ ମାନଙ୍କ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ କୌଣସି ଅତ୍ୟାବଶ୍ୟକୀୟ ସର୍ବନିମ୍ନ ସୁବିଧା ଯୋଗାଉ ନାହାନ୍ତି।ଏଭଳି ଚିତ୍ର ଷ୍ଟେଟବ୍ୟାଙ୍କ ଠାରୁ ଆରମ୍ଭ କରି ୟୁକୋ, ଇଣ୍ଡିଆନ, ଗ୍ରାମ୍ୟବ୍ୟାଙ୍କ, ବିବିସିସି, ବ୍ୟାଙ୍କ ଅଫ ବରୋଦା ଠାରେ ଦେଖାଯାଇଛି।



## ମା’ବାସୁଳାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାରିକପୁର,୨୪।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଅଙ୍ଗାରଗଡ଼ିଆ ଛକ ଠାରେ ସର୍ବପୁରାତନ ମା’ ବାସୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୫ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରା ରୋପଣ ଓ ଅଧିବାସ ପରେ ଦ୍ୱିତୀୟ ଦିନରେ ନିକଟ ବୈତରଣୀ ନଦୀରୁ ପୀଠ ଯାଏଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ପୀଠରେ ଦେବୀ ସ୍ନାନ, ଚଣ୍ଡୀପୂଜା, ଗୀତା ପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ସୁଧାକର ପଣ୍ଡା, ହିମାଂଶୁ ପଣ୍ଡା, ପ୍ରତାପ ଚନ୍ଦ୍ର ପଣ୍ଡା, ରମାକାନ୍ତ ଦାସ, ଧନିଆ ପତି ପ୍ରମୁଖ ବୈଦିକ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟି ପକ୍ଷରୁ ପ୍ରତ୍ୟକ ଦିନ ସନ୍ଧ୍ୟାରେ ଭଜନ କୀର୍ତନ ଓ ଅନ୍ୟାନ୍ୟ ସଂସ୍କୃତି କ କାର୍ଯ୍ୟକ୍ରମ ମାନ ଆୟୋଜନ ହୋଇଥିଲା। କଟକ ଓ ଭୁବନେଶ୍ୱରର ନାମିଦାମୀ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଅଙ୍ଗାରଗଡିଆ ସମେତ କୁମ୍ଭାରୀଆ, କୋରକରା, ପଣସା, ରଘୁନାଥପୁର, ମଞ୍ଜୁରୀ, ବାଙ୍କମୁହାଁ, ମାଳିପଦୀ, ଶିମିଳିଆ, ପରମାନନ୍ଦପୁର ପ୍ରମୁଖ ଗ୍ରାମର ଶହ ଶହ ଜନସାଧାରଣ ଏଥିରେ ଯୋଗ ଦେଇଥିଲେ। ଉଦଯାପନୀ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସରଫଂଚ ଦେବଦାସୀ ଜେନା, ସମାଜସେବୀ ବଦ୍ରିନାରାୟଣ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଫଂଚଦିବସୀୟ ଉତ୍ସବକୁ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ।



## ସଂଯୋଗୀ ରାସ୍ତା ମରାମତି ଦାବି

ବାରିକପୁର,୨୪।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକ ଠାରେ ଜାତୀୟରାଜପଥ ସଂଯୁକ୍ତ ସଂଯୋଗୀ ରାସ୍ତାକୁ ମରାମତି ପାଇଁ ଦାବି ହୋଇଛି।ରାସ୍ତାର ବାମ ପାର୍ଶ୍ୱରେ ଥିବା ଏହି ଦୁଇ ଶହ ମିଟର ସଂଯୋଗୀ ପଥଟି ଦୀର୍ଘଦିନ ହେବ ବିପଦପୂର୍ଣ୍ଣ ଭାବେ ପଡି ରହିଛି। ଏଠାରେ ଓଭରବ୍ରିଜ ନିର୍ମାଣ ବେଳେ ଯାନବାହାନ ଯାତାୟତ ପାଇଁ ଏହି ଅତିରିକ୍ତ ରାସ୍ତାଟି ନିର୍ମାଣ ହୋଇଥିଲା। ଓଭରବ୍ରିଜ ନିର୍ମାଣ ପରେ ଏହାକୁ ଆଉ ମରାମତି କରାଯାଇନାହିଁ। ଫଳରେ ବିଷ୍ଣୁପୁର ଗ୍ରାମ ସମେତ ଆଖପାଖ ଚାରି ପାଞ୍ଚ ଖଣ୍ଡ ଗାଁର ଲୋକେ ଏହି ପଥକୁ ଅତିକ୍ରମ କରି ଜାତୀୟ ରାଜପଥକୁ ଯିବାପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମୋଟର ସାଇକେଲ ଓ ସାଇକଲରେ ଯାଉଥିବା ବ୍ୟକ୍ତି ମାନେ ଧୂଳିଧୂସର ହୋଇଯାଉଛନ୍ତି। ୨ଶହ ମିଟର ପଥରୁ ଅର୍ଦ୍ଧାଧିକ ଭାଗ ପିଚ ଉଠି ଯାଇଥିବା ବେଳେ ଏବେ କେବଳ ଡଷ୍ଟ, ବଜୁରୀ ଓ ମେଟାଲ ପଡ଼ିରହିଛି। ଯାହାକି ପଥଟି କଣ୍ଟକିତ ହେବା କାରଣରୁ ଜନସାଧାରଣ ଦୈନିକ ଯନ୍ତ୍ରଣା ଭୋଗୁଛନ୍ତି। ନିକଟରେ ଜାତୀୟ ରାଜପଥ ମରାମତି ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର କାର୍ଯ୍ୟାଳୟ ଥିଲେ ମଧ୍ୟ ସେ ଏହା ଉପରେ ଦୃଷ୍ଟି ଦେଉନାହିଁ। ତେଣୁ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ କ୍ଷୋଭ ପ୍ରକାଶ କରିବା ସହ ରାସ୍ତା ମରାମତି ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।



**ରାତି ପାହିଲେ ସ୍କୁଲ ଛୁଟି, ଏଯାଏଁ ପିଲାଙ୍କୁ ମିଳିନି ବହି**

# ବିନା ବହିରେ ୨୫ଦିନ ପାଠ ପଢ଼ାଇଲେଣି ଶିକ୍ଷକ

ଭଦ୍ରକ,୨୪।୪(ସମିସ): ଅତ୍ୟଧିକ ରୌଦ୍ରତାପ ଯୋଗୁଁ ଆସନ୍ତା ୨୭ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଆଗୁଆ ଖରାଛୁଟି ନିଶ୍ଚିତ ସ୍ୱାଗତ ଯୋଗ୍ୟ ମାତ୍ର ବିଭିନ୍ନ ଅଭିଭାବକ ମହଲରେ ଏବେ ନିରାଶାର ଭାବ କାରଣ ଭଦ୍ରକ ଜିଲ୍ଲାରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମିଳିନାହିଁ ବହି। ଚଳିତ ୨୦୨୬-୨୭ମସିହା ପାଠ୍ୟକ୍ରମରେ ୧ମ ରୁ ୮ମ ସମସ୍ତ ପିଲାମାନଙ୍କର ପାଠ୍ୟ ପୁସ୍ତକ (ବହି) ବଦଳିଛି। ମାତ୍ର ଆଜକୁ ୨୫ଦିନ (ଚଳିତ ଶିକ୍ଷାବର୍ଷର) ଧରି ଜିଲ୍ଲାର ମୋଟ ୧୮ ୯୫ଟି ସ୍କୁଲର ହଜାର ହଜାର ୧ମରୁ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉଥିଲେ ମଧ୍ୟ ସେମାନଙ୍କୁ ସେମାନଙ୍କ ପାଠପଢ଼ା ବିଷୟରେ ସମସ୍ତ ବହି ମିଳିପାରିନି। ଜିଲ୍ଲାରେ କେଉଁ କେଉଁ କ୍ଲଷ୍ଟର ରେ ଗୋଟିଏ ଶ୍ରେଣୀରେ ସାମାଜିକ, ଗଣିତ ସଂସ୍କୃତ ପାଠ୍ୟ ବିଷୟର ମାତ୍ର ୩ଖଣ୍ଡ ବହି ମିଳିଥିବା ବେଳେ କେଉଁ କ୍ଲଷ୍ଟର ରେ ଇଂରାଜୀ, ବିଜ୍ଞାନ, ଭୂଗୋଳ ବହି ମିଳିଛି। ସୂଚନାରୁ ଜଣାଯାଇଛି ଯେ, ଶିକ୍ଷକ ମାନେ ମୋବାଇଲରୁ ଡାଉନ ଲୋଡ଼ କରି ପାଠପଢାକୁ ନାମକୁ ମାତ୍ର କାମ ଚଳାଉଛନ୍ତି। କେତେକ ସ୍କୁଲରେ ଇଂଟରନେଟ୍ ବ୍ୟବସ୍ଥା ସୁଦୃଢ଼ ନଥିବାରୁ ମୋବାଇଲରେ ବି ପିଲାଙ୍କୁ ପାଠପଢାଇବା ସମ୍ଭବ ହେଉନଥିବା ଜଣାଯାଇଛି। ସରକାରଙ୍କ ଘୋଷଣାନୁଯାୟୀ ଏବେ ଖରା ଛୁଟିରେ ୨ମାସ ପିଲାମାନଙ୍କ ପାଖରେ ବହି ନଥିଲେ ସେମାନେ କିଭଳି ପାଠ ପଢ଼ିବେ ଓ କେମିତି କୋର୍ସ କଂପ୍ଲିଟ୍ କରିବେ ଏହାକୁ ନେଇ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଘୋର ଅଶାନ୍ତି ଦେଖା ଦେଇଛି। ପାଠ୍ୟପୁସ୍ତକ ନଥିବା ଭଳି ସମସ୍ୟାକୁ ଜିଲ୍ଲାପାଳ ନିଜେ ହୃଦୟଙ୍ଗମ କରି ତୁରନ୍ତ ଏହାର ସମାଧାନ କରିବାପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

**ଖରାଛୁଟିରେ ପିଲାଏ କ’ଣ କରିବେ?**

# ନିର୍ମାଣାଧୀନ ନଳକୂପରେ ସିମେଣ୍ଟ ପକାଇ ନଷ୍ଟ କଲେ ଦୁର୍ବୃତ୍ତ

ଭଦ୍ରକ,୨୪।୪(ସମିସ)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଦିନକୁଦିନ ତାପମାତ୍ରା ବୃଦ୍ଧି ପାଇ ୪୦ ଡିଗ୍ରୀରେ ପହଞ୍ଚିଲାଣି। ତାପମାତ୍ରା ବୃଦ୍ଧି ଯୋଗୁଁ ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ ସ୍ଥାନରେ ଖୋଲିଛି ଜଳଛତ୍ର। ଏଥିସହ ସରକାରୀ ସ୍ତରରେ ନୂତନ ନଳକୂପ ଖନନ ସାଙ୍ଗକୁ ପୁରାତନ ନଳକୂପ ଗୁଡ଼ିକୁ ସଜଡ଼ାଯାଉଛି। ପାଣି ଟୋପେ ପାଇଁ ଯେମିତି କାହାର ଜୀବନ ନ ଯାଉ ସେଥିପାଇଁ ରାଜ୍ୟ ସରକାର ସଜାଗ ରହିଥିବା ବେଳେ ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ୨ନମ୍ବର ଜିଲ୍ଲା ପରିଷଦ ରଞ୍ଜନ କୁମାର ସାହୁଙ୍କ ଜିଲ୍ଲା ପରିଷଦ ପାଣ୍ଠିରୁ ଏକ ନଳକୂପ ଇଟୁଆ ଗ୍ରାମକୁ ଯୋଗାଇ ଦେଇଥିଲେ। ଯାହା ଇଟୁଆ ଗ୍ରାମର ପାତ୍ରସାହି ରାସ୍ତାରେ ଥିବା ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ଆଗରେ ଖନନ ପାଇଁ ବିଭାଗୀୟ ନିର୍ଦ୍ଦେଶ ଥିଲା । ଉକ୍ତ ସ୍ଥାନରେ ନଳକୂପ ହେଲେ ବିଦ୍ୟାଳୟ ପଢୁଥିବା ଛାତ୍ରଛାତ୍ରୀ, ନିକଟରେ ଥିବା ପରିବାରଙ୍କ ସମେତ ପଥଚାରି ଓ କୃଷକ ମାନେ ଉପକୃତ ହେବାର ଲକ୍ଷରେ କରାଯାଇଥିଲା। ନଳକୂପ ଖନନ ପାଇଁ ଏଗ୍ରିମେଂଟ ପରେ ସ୍ଥାନୀୟ କିଛି ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ବିଦ୍ୟାଳୟ ସମ୍ମୁଖରେ ଖନନ ନ କରି ଅନ୍ୟ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଖନନ କରିବାକୁ ଠିକାଦାରଙ୍କୁ କହିଥିଲେ। ମାତ୍ର ଏଥିରେ ଠିକାଦାର ରାଜି ନ ହେବାରୁ କଥା ପହଞ୍ଚିଥିଲା ବିଭାଗୀୟ ଅଧିକାରୀଙ୍କ ନିକଟରେ। ବିବାଦୀୟ ପରିସ୍ଥିତି ଦେଖି ଏସ୍‌ଡିଓ ବିଜୟାନନ୍ଦ ବିଶ୍ୱାଳ କ୍ଷେତ୍ର ପରିଦର୍ଶନ କରି ଉଭୟଙ୍କୁ ସୁହାଇଲା ଭଳି ରାସ୍ତା ପାର୍ଶ୍ୱରେ ଏକ ସ୍ଥାନ ଚିହ୍ନଟ କରିଥିଲେ। ସ୍ଥାନ ଚିହ୍ନଟ ପରେ ସଂପୃକ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରି ୪ଦିନ ତଳେ କାର୍ଯ୍ୟ ଶେଷ କରିଥିଲେ। ମାତ୍ର ଗତକାଲି ବିଳମ୍ବିତ ରାତିରେ କେତେକ ଅସାମାଜିକ ବ୍ୟକ୍ତି ଉକ୍ତ ନଳକୂପ ପାଇପ କାଟି ସେଥିରେ ସିମେଣ୍ଟ ଭର୍ତ୍ତି କରି ଦେଇଛନ୍ତି। ଫଳରେ ନଳକୂପରୁ ପାଣି ବାହାରିବା ଆଉ ସମ୍ଭବ ନୁହେଁ। ଲକ୍ଷାଧିକ ଟଙ୍କାର କ୍ଷତି ହେବା ସାର। ଯାହାକୁ ନେଇ ଏବେ ଚିନ୍ତାରେ ଠିକାଦାର। ଯାହାକୁ ନେଇ ମତୋ ଫାଣ୍ଡିରେ ଦ୍ୱାରସ୍ଥ ହୋଇଛନ୍ତି ଠିକାଦାର। ପାଣି ଟୋପେ ପାଇଁ ଏପରି ହୀନ ମାନସିକତାକୁ ସ୍ଥାନୀୟ ବାସିନ୍ଦାମାନେ ନାପସନ୍ଦ କରିଛନ୍ତି।



### ଅତିରିକ୍ତ କମିସନରଙ୍କ ନିର୍ଦ୍ଦେଶକୁ ୫ ବର୍ଷ ବିତିଲା

# ଦ୍ୱିତୀୟ ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କ ଦେବୋତ୍ତର ସମ୍ପତ୍ତି ଆକଳନ କେବେ

ବାରିପଦା, ୨୪ ।୪(ସମିସ)

ବାରିପଦାସ୍ଥ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ସମ୍ପତ୍ତିର ପୁନରୁଦ୍ଧାର ନିମନ୍ତେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ନେଇ ଦେବତ୍ତୋର କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶନାମାକୁ ୫ ବର୍ଷ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ସମ୍ପତ୍ତି ଆକଳନ ହୋଇପାରୁନାହିଁ। ସେବାୟତ ରାଧାଶ୍ୟାମ ମହାପାତ୍ରଙ୍କ ଡବ୍ଲୁପି(ସି) ନଂ ୩୬୪୮୨/୨୨ ଆବେଦନକୁ ଶୁଣାଣି କରି ଦେବତ୍ତୋର କମିଶନଙ୍କ ପକ୍ଷରୁ ବାରିପଦା ସଦର ଉପଜିଲ୍ଲାପାଳ ତଥା ଦେବତ୍ତୋର ଅଧିକାରୀ ଓ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାସ୍ତରୀୟ ଏକ ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ (ଏସଆଇଟି) ଗଠନ କରି ଦେବତ୍ତୋର ଜମିର ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଥିଲେ ହେଁ ତାହା ଏପର୍ଯ୍ୟନ୍ତ ହୋଇପାରିଲାନାହିଁ। ତେଣୁ ସେବାୟତ ସଂଘ ପୁନର୍ବାର ଅପିଲ କରିବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ରାଜାରାଜୁଡା ଅମଳରେ ନିର୍ମାଣ ହୋଇଥିବା ଜିଲ୍ଲାର ୧୦ଟି ମନ୍ଦିର ଉପଜିଲ୍ଲାପାଳ ଓ ୧୦ଟି ମଠକୁ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଟ୍ରଷ୍ଟି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏସବୁର ରକ୍ଷଣାବେକ୍ଷଣ ଓ ପୂଜାନୀତି ପାଇଁ ପ୍ରଦତ୍ତ ଜମି ମୟୂରଭଞ୍ଜ ମିଶ୍ରଣ ସମୟରେ ଭୁଲ ନିଷ୍ପତ୍ତି ଯୋଗୁଁ ଲୋକମାନେ ନିଜ ଦଖଲକୁ ନେଇଯାଇଥିଲେ। ତେବେ ଦେବତ୍ତୋର କମିଶନରଙ୍କ ପକ୍ଷରୁ ଟ୍ରିବ୍ୟୁନାଲ ମାଧ୍ୟମରେ



### ପୁନର୍ବାର ଅପିଲ ନେଇ ସେବାୟତ ସଂଘର ଚେତାବନୀ

ବିଭାଗର ୪୪, ୨୨୧.୯୬ ଏକର ଜମି ଥିବା ଜଣାପଡ଼ିଛି। ସେଥିମଧ୍ୟରୁ ସେଟେଲମେଣ୍ଟ ସମୟରେ ହସ୍ତାନ୍ତରୀକରଣ ଜରିଆରେ ୩୭୭୬.୯୭ ଏକର ଜମି ବାରିପଦା ଦେବତ୍ତୋର ବିଭାଗକୁ ଆସିଥିବାବେଳେ ଅବଶିଷ୍ଟ ୪୦ ହଜାର ୪୪୪ ଏକର ଜମିକୁ ଜବରଦଖଲକାରୀ ଭୋଗ କରୁଛନ୍ତି। ଏହି ୩ ହଜାର ୭୭୬ ଏକର ଜମିରୁ ୭ ଶହ ଏକରରୁ ଊର୍ଦ୍ଧ୍ୱ ଜମିରେ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟ ଆଦି ରହିଛି। ଅନ୍ୟ ଜମିରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ, ଖେଳପଡ଼ିଆ, ପୋଖରୀ, ବ୍ୟାଙ୍କ, ରାସ୍ତା ଓ ଦୋକାନ ଗୃହ ଦଖଲ ଅବସ୍ଥାରେ ରହିଛି। ୧୯୮୬ରେ ହୋଇଥିବା ସେଟେଲମେଣ୍ଟରେ ବାରିପଦା ଲାଲବଜାର ୟୁନିଟ ୫, ଖାତା ନଂ ୧୫୦ ଅନୁଯାୟୀ ୧୩୭ଟି ପ୍ଲଟ ୨୦୧୩ରେ ବାରିପଦା ପୌରପରିଷଦ ଅଧୀନକୁ ଆସିଥିବା ନେଇ ଶ୍ରୀ ମହାପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏହାକୁ ନେଇ ଦେବତ୍ତୋର ବିଭାଗ ଅତିରିକ୍ତ କମିଶନର ତଦନ୍ତ କରି ମୁଖ୍ୟ ଶାସନ ସଚିବ ଓ ଆଇନ ବିଭାଗକୁ ଚିଠି ନଂ ୮୪୦୨/୨୯ ନଭେମ୍ବର ୨୦୨୧ରେ ଅବଗତ କରି ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ (ଏସଆଇଟି) ଗଠନ କରି ୪୦ ହଜାର ୯୩୨.୨୪ ଡେସିମିଲ ଜମି ଚିହ୍ନଟ କରିବାକୁ ସୁପାରିଶ କରିଥିଲେ। ଏହାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୫ଥର ବୈଠକ କରି ସମ୍ପତ୍ତିର ସାବିକ ଓ ହାଲ ରେକର୍ଡ ଅନୁଯାୟୀ ୪୪୨୨୧.୯୬ ଡେସିମିଲ ଜାଗାର ଚିହ୍ନଟ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଅବସରପ୍ରାପ୍ତ ପ୍ରଶାସନିକ ସହାୟକ ଓ ରାଜସ୍ୱ ଅଧିକାରୀଙ୍କୁ ନିଯୁକ୍ତି ପୂର୍ବକ ଗାଡ଼ି ପ୍ରଦାନ କରାଗଲେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇପାରିବ ବୋଲି ଜିଲ୍ଲାପାଳଙ୍କ ଚିଠି ନଂ ୧୦୩୫/୩୧ ଜାନୁଆରୀ ୨୦୨୩ରେ ଆଇନ ବିଭାଗକୁ ଜଣାଇଥିଲେ। ତେବେ ବିଭାଗୀୟ ପଦକ୍ଷେପରେ ବିଳମ୍ବତା ଯୋଗୁଁ ପୁନର୍ବାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ମ୍ୟୁନିସିପାଲିଟି ଅଧୀନରେ ଥିବା ଦେବତ୍ତୋର ସମ୍ପତ୍ତି ତାଲିକା ପ୍ରସ୍ତୁତ କରି ଦେବତ୍ତୋର ବାରିପଦା ଅଧିକାରୀଙ୍କୁ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦେବତ୍ତୋର କମିଶନ ପ୍ରଦାନ କରିଥିବା ଚିଠିକୁ ନେଇ ଆବେଦନକାରୀ ରାଧାଶ୍ୟାମ ମହାପାତ୍ର, ଦେବତ୍ତୋର ବିଭାଗର ଅଧିକାରୀ ତଥା ତତ୍କାଳୀନ ଉପଜିଲ୍ଲାପାଳ ଓ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ଗଡ଼ି ୫ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେବେ ଏସଆଇଟି ଗଠନ ପୂର୍ବକ ପଦକ୍ଷେପ ଗ୍ରହଣ କରି ରିପୋର୍ଟ ପ୍ରଦାନ କରା ନ ଗଲେ ଉଚ୍ଚ ନ୍ୟାୟାଳୟରେ ପୁର୍ନବାର ଅପିଲ କରାଯିବ ବୋଲି ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ ପ୍ରକାଶ କରିଛନ୍ତି।

## ବିପୁଳ ପରିମାଣର ଦେଶୀମଦ ଜବତ, ୨ ଗିରଫ

**ମହୁଲଡିହା/ଠାକୁରମୁଣ୍ଡା, ୨୪।୪(ସମିସ):** ଠାକୁରମୁଣ୍ଡା ଅବକାରୀ ବିଭାଗ ଠାକୁରମୁଣ୍ଡା ଓ ଖମଡିହାରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାଏକଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ବଜାରରେ ଘର ଭିତରେ ଚୋରାରେ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ନବୀନ ପାତ୍ର (୫୮)ଙ୍କ ଘରୁ ୧୬ ଲିଟର ମଦ ଓ ଖମଡିହା ଗ୍ରାମର ରଘୁନାଥ ସାହୁ (୫୫)ଙ୍କ ଘରୁ ୨୩ ଲିଟର ମହୁଲି ମଦ ଜବତ କରିଥିଲେ। ଦୁଇ ଅଭିଯୁକ୍ତଙ୍କ ନାମରେ ଦୁଇଟି ମାମଲା ରୁଜୁ ହୋଇଛି। ଠାକୁରମୁଣ୍ଡା ଜେଏମ୍ଏଫସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଥାନା ଅଧିକାରିଣୀଙ୍କ ନେତୃତ୍ୱରେ ଆଜିର ଏହି ଚଢ଼ଉରେ ଏଏସ ଆଇ ଲକ୍ଷ୍ମଣ ନାୟକ, କନଷ୍ଟେବଳ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ସାମିଲ ହୋଇଥିଲେ।



## ୩ ବାଲି ବୋଝେଇ ହାଇୱା ଥାନାରେ ଅଟକ

**ମହୁଲଡିହା, ୨୪।୪(ସମିସ):** କେନ୍ଦୁଝର ଜିଲ୍ଲା ବୈତରଣୀ ନଦୀରୁ ଚୋରାରେ ବାଲି ଚାଲାଣ ହେଉଥିବାବେଳେ ଗୁରୁବାର ମଧ୍ୟରାତ୍ରିରେ ଖଣି ବିଭାଗ ପକ୍ଷରୁ ମହୁଲଡିହା ହାଇସ୍କୁଲ ଛକରୁ ତିନୋଟି ବାଲି ବୋଝେଇ ହାଇୱା ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବିଭାଗୀୟ ଅଧିକାରୀ ୨୪ ତାରିଖ ମଧ୍ୟରାତ୍ରରେ ଆନନ୍ଦପୁର-ଠାକୁରମୁଣ୍ଡା ରାଜ୍ୟ ରାଜପଥରେ ଠାକୁରମୁଣ୍ଡା ଅଭିମୁଖେ ଯାଉଥିବା ୩ଟି ବାଲି ବୋଝେଇ ହାଇୱାକୁ ମହୁଲଡିହା ହାଇସ୍କୁଲ ଛକରେ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ବେଳେ ବାଲି ବୋଝେଇ କାଗଜ ପତ୍ରରେ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଫଳରେ ହାଇୱା ତିନୋଟି ଜବତ କରି ମହୁଲଡିହା ଥାନାରେ ଅଟକ ଥିବା ଆଇଆଇସି ତୁଷାର ନାୟକଙ୍କ ସୂତ୍ରରୁ ଜଣାପଡ଼ିଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ବଡ଼ସାହି, ୨୪।୪(ସମିସ):** ବଡ଼ସାହି ଥାନା ଅଧୀନ ବଳଭଦ୍ରପୁର ପଞ୍ଚାୟତ ଛେଳିଆ (ବି) ଗ୍ରାମର ସନ୍ଦୀପ ମହାପାତ୍ରଙ୍କ ପତ୍ନୀ ଲୁସିଙ୍କୁ ତାଙ୍କ ସ୍ୱାମୀ, ଶଶୁର ଓ ଶାଶୂ ମାରି ଦେଇଥିବା ତାଙ୍କ ବାପା ବୈଶିଙ୍ଗା ଥାନା ଅଧିନ ପାଟୁଳିପୁରା ଗ୍ରାମର ହିମାଂଶୁ ଦୁର୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ସହିତ ତଦନ୍ତ ଜାରି ରଖିଛି। ଲୁସି ଓ ସନ୍ଦୀପଙ୍କର ଜୁନ ୨୦୧୬ରେ ବିବାହ ହୋଇଥିଲା। ମାତ୍ର ବାପଘରୁ ଅଧିକ ଯୌତୁକ ଦାବି କରି ତାଙ୍କୁ ସ୍ୱାମୀ, ଶଶୁର ଓ ଶାଶୂ ମାନସିକ ନିର୍ଯାତନା ଦେଇ ଆସୁଥିବା ତାଙ୍କ ବାପାଙ୍କ ଅଭିଯୋଗରୁ ଜଣାଯାଇଛି। ତାଙ୍କର ଏକ ଛୋଟ ପିଲା ମଧ୍ୟ ଅଛି।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ରାଇରଙ୍ଗପୁର, ୨୪।୪(ସମିସ):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ରାଇରଙ୍ଗପୁରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବଲାଙ୍ଗୀରରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ଏ ଅବସରରେ ଅନୁରୂପ ଭାବେ ରାଇରଙ୍ଗପୁରସ୍ଥ ମହତାବ ଭବନରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବ୍ଲକ ଚେୟାରମ୍ୟାନ ଜ୍ଞାନରଞ୍ଜନ ହେମ୍ବ୍ରମ, ସାଂସଦଙ୍କ ପ୍ରତିନିଧି ନବୀନ ରାମ, ସାଂସଦଙ୍କ ସଂଯୋଜକ ମନୋଜ ଦାସ, ବିଧାୟକଙ୍କ ପ୍ରତିନିଧି ଅଶୋକ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ନବଚରଣ ମାଝୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ଷମତା ବିକେନ୍ଦ୍ରୀକରଣ ହେତୁ ଏହାର ଉପକାରିତା ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। ଗ୍ରାମ ବିକଶିତ ହେଲେ ବିକଶିତ ଓଡ଼ିଶା ୨୦୩୬ ସହିତ



ବିକଶିତ ଭାରତ ୨୦୪୭ର ପରିକଳ୍ପନା ବାସ୍ତବତାରେ ପରିଣତ ହୋଇପାରିବ। ଏ ଅବସରରେ ଅତିଥିମାନେ ରାଇରଙ୍ଗପୁର ବ୍ଲକ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ୯ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ୨ ଜଣ ହିତାଧିକାରୀ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ସେମାନଙ୍କୁ ୨୦, ୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ସେହିପରି ଅଧିକ ସଂଖ୍ୟକ ପ୍ରକଳ୍ପ କାମ ଶେଷ କରି ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ୪ ଜଣ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜନପ୍ରତିନିଧି, ପଞ୍ଚାୟତ ସମିତିର ନିର୍ବାଚିତ ସଦସ୍ୟସଦସ୍ୟା, ସରପଞ୍ଚ, ଅନ୍ୟାନ୍ୟ କର୍ମକର୍ତ୍ତା, ହିତାଧିକାରୀ, ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ ଦାସ ପରିଚାଳନା କରିଥିବାବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଣ୍ଡାରୀ ୟୁଟ୍ୟୁବର୍ସ, ପ୍ରଡ୍ୟୁସର ଓ ଆର୍ଟିଷ୍ଟ ଆସୋସିଏସନର ପ୍ରସ୍ତୁତି ବୈଠକ

**ବାରିପଦା, ୨୪।୪(ସମିସ):** ସ୍ଥାନୀୟ ସହିଦ୍ ସ୍ମୃତି ଭବନରେ ଆସନ୍ତା ମେ ୨୪ ତାରିଖରେ ହେବାକୁ ଥିବା ମୁଣ୍ଡାରୀ ୟୁଟ୍ୟୁବର୍ସ, ପ୍ରଡ୍ୟୁସର ଓ ଆର୍ଟିଷ୍ଟ ଆସୋସିଏସନ (ମାଏପା) ପୁରସ୍କାର ପ୍ରଦାନ ଉତ୍ସବ ପାଇଁ ସଭାପତି ରବୀନ୍ଦ୍ର ନାଥ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ମାଏପାର ପ୍ରିଣ୍ଟ ମିଡିଆ ସମ୍ପାଦକ ବାଜି ସିଂ, ସିଙ୍ଗର ସମ୍ପାଦକ ଶଙ୍କର ସିଂ, ସିଙ୍ଗର ଆଦିଦେବ, ମଙ୍ଗଲ, କଳାକାର ଶିବ ଶଙ୍କର ସିଂ, ଗୌର ମୋହନ ସିଂ, ଟେକ୍ନିସିଆନ୍ ମହେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥାଇ ଆଗାମୀ କାର୍ଯ୍ୟକ୍ରମ



ଜାଲେୟାଙ୍କ ଆହ୍ୱାନକ୍ରମେ ବାରିପଦା ଛଉ ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ମୁଣ୍ଡାରୀ ୟୁଟ୍ୟୁବର୍ସ, ପ୍ରଡ୍ୟୁସର ଓ ଆର୍ଟିଷ୍ଟ ଆସୋସିଏସନ (ମାଏପା)ର ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂ ସଭାପତିତ୍ୱ କରିଥିଲେ। କୋଷାଧ୍ୟକ୍ଷ ନାଥ ସିଂ ବାରୁ କିଭଳି ଶୃଙ୍ଖଳାର ସହ ଆୟୋଜିତ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସମସ୍ତ ମୁଣ୍ଡାରୀ କଳାକାର, ସଂଯୋଜକ, ପ୍ରଯୋଜକ, କଣ୍ଟେଣ୍ଟ କ୍ରିଏଟର, ଟେକ୍ନିସିଆନ୍ କିଭଳି ଅଧିକରୁ ଅଧିକ ଏହି କାର୍ଯ୍ୟକ୍ରମରେ ଭାଗ ନେବେ ସେଥିପାଇଁ ଆହ୍ୱାନ ଦିଆଯାଇଥିଲା।

## ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠାପନ କାର୍ଯ୍ୟକ୍ରମ



**ବାରିପଦା, ୨୪।୪(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂରବର୍ତ୍ତୀ ଓ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅନୁଷ୍ଠାପନ (ଇଣ୍ଡକ୍ସନ) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ଦୂରବର୍ତ୍ତୀ ଶିକ୍ଷା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପୋଷଣ କରିଥିଲେ। ସିଡିଓଇର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଦୂରବର୍ତ୍ତୀ ଓ ଅନଲାଇନ୍ ଶିକ୍ଷାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ରଖିବା ସହ ଏହି ଅନୁଷ୍ଠାପନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ବିଷୟରେ ସଠିକ୍ ଧାରଣା ଦେବ ବୋଲି କହିଥିଲେ। କେନ୍ଦ୍ର ଦ୍ୱାରା ଦିଆଯାଉଥିବା ବିଭିନ୍ନ ସାର୍ଟିଫିକେଟ୍ ଓ ଡିପ୍ଲୋମା ପାଠ୍ୟକ୍ରମରେ ମଧ୍ୟ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ କାର୍ଯ୍ୟକ୍ରମ ବିଭାଗର ଡ. ସୁଜୟ କୁଣ୍ଡୁ, ଅର୍ଥନୀତି ବିଭାଗର ସୁଜାତା ମହାକୁଡ଼, ଓଡ଼ିଆ ବିଭାଗର ଡ. ବିନ୍ଧ୍ୟେଶ୍ୱରୀ କଳିଆ, ସଂସ୍କୃତ ବିଭାଗର ଡ. ଦେବବ୍ରତ ପଣ୍ଡା ଓ ଇଂରାଜୀ ବିଭାଗର ପ୍ରୀତିଲଗ୍ନା ସନ୍ତୋଷୀ ମହାକୁଡ଼ ପାଠ୍ୟକ୍ରମର ପରିଚୟ ସବିଶେଷ ଆଲୋଚନା କରିଥିଲେ। ଶେଷରେ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଡିଓଇର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ▶ ବ୍ଲକ୍‌ସ୍ତରୀୟ ସମାରୋହରେ ଯୋଗଦେଲେନି ଅଧ୍ୟକ୍ଷ

**ମୋରଡ଼ା, ୨୪।୪(ସମିସ):** ମୋରଡ଼ା ବ୍ଲକ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ଉପଲକ୍ଷେ ବଲାଙ୍ଗୀରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସମାରୋହ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ତେବେ ବ୍ଲକସ୍ତରୀୟ ସମାରୋହ ବିଡିଓ ଅଣାକାର ନାୟକଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟା ୬ଟା ସମୟରେ ଆୟୋଜିତ ହୋଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ। ତେବେ ଉକ୍ତ କାର୍ଯ୍ୟକ୍ରମରେ ମୋରଡା ବ୍ଲକ ଅଧ୍ୟକ୍ଷ ପିଥନାଥ ସରେନ ଯୋଗ ଦେଇ ନ ଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ସରକାର ଉକ୍ତ ଦିବସକୁ ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପାଳନ କରୁଥିବାବେଳେ ସରକାରଙ୍କ ହୀନ ରାଜନୀତି ପାଇଁ ବରପୁତ୍ରଙ୍କୁ ଅସମ୍ମାନ କରି ଏପ୍ରିଲ ୨୪ ତାରିଖରେ ପାଳନ କରାଯାଉଥିବା କଥା ଶ୍ରୀ ସରେନ ପ୍ରକାଶ କରିଛନ୍ତି। ସେଥିପାଇଁ ବିଜୁ ଜନତା ଦଳ ତରଫରୁ କାର୍ଯ୍ୟକ୍ରମରେ ଯୋଗ ଦେବେନାହିଁ ବୋଲି ସିଦ୍ଧାନ୍ତ ନେଇଥିବା ସେ କହିଛନ୍ତି। ମୋରଡା ବିଡିଓ ଅଣାକାର ନାୟକ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ନିକଟରେ ଉପସ୍ଥାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଜଣେ ଆଦିବାସୀ ମହିଳା ଗର୍ଭବତୀ ଥିବାବେଳେ ହସ୍ପିଟାଲରେ ପ୍ରସବ କରାଇବେ ନାହିଁ ବୋଲି ଜିଦରେ ଥିବାବେଳେ ଗଡ଼ିଆ ସରପଞ୍ଚ ଓ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟଙ୍କ ଉଦ୍ୟମରେ ସଫଳ ଭାବେ ତାଙ୍କୁ ଡାକ୍ତରଖାନାରେ ପ୍ରସବ କରାଇଥିଲେ। ଠିକ ଏହିପରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥିବାରୁ ସରପଞ୍ଚ ପ୍ରତିନିଧିଙ୍କୁ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ବିଦ୍ୟା ପ୍ରବେଶ ଉତ୍ସବ




**ଚମ୍ପୁଆ, ୨୪।୪(ସମିସ):** କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ନବଭର୍ତ୍ତି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ 'ବିଦ୍ୟା ପ୍ରବେଶ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହାୟକ ଜିଲ୍ଲାପାଳ ଫୁର୍ଲାଇ ବେସ୍ରା ମୁଖ୍ୟଅତିଥି ଏବଂ ପ୍ରଥମ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା କୁନି କୁନି ଛାତଛାତ୍ରୀ ଓ ଅବିଭାବକଙ୍କୁ ଗାର୍ଡ ଅଫ୍ ଅନର ସହିତ ସ୍ୱାଗତ କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସିନ୍ଦୂର ଚନ୍ଦନ ଲଗାଇ, ଶଙ୍ଖ ଧ୍ୱନି ମଧ୍ୟରେ ସ୍ୱାଗତ ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମୁଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ଟୋପି ପିନ୍ଧାଇ ଖୁସିରେ ବିଦ୍ୟାଳୟ ପ୍ରବେଶ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନବଭର୍ତ୍ତିଙ୍କ ସ୍ୱାଗତ ପାଇଁ ସ୍ୱାଗତ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ଯାହା ହୃଦୟସ୍ପର୍ଶୀ ଥିଲା। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଚକୋଲେଟ, ବିଦ୍ୟାପ୍ରବେଶ ବୁକ୍‌ଲେଟ୍ ଉପହାର ରୂପେ ଦିଆଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ପ୍ରାଚାର୍ଯ୍ୟ ହରମନ ଛୁରା ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ ଅଭିଭାବକମାନେ ଗୋଟେ ଗୋଟେ ଫୁଲଗଛ ଉପହାର ସଦୃଶ ପ୍ରଦାନ କରିଛନ୍ତି ଯାହା ଏକ ନିଆରା ଏବଂ ଅଭିନବ ପ୍ରୟାସ।

## ବାଣେଶ୍ୱର ହାଇସ୍କୁଲ ଶିକ୍ଷା କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଘଟଗାଁ, ୨୪।୪ (ସମିସ):** ଘଟଗାଁ ବ୍ଲକ ଅନ୍ତର୍ଗତ ବାଟ ହରିଚନ୍ଦନପୁରଠାରେ ଥିବା ବାଣେଶ୍ୱର ହାଇସ୍କୁଲର ବରିଷ୍ଠ ଶିକ୍ଷା କର୍ମଚାରୀ ଜଗବନ୍ଧୁ ବେହେରାଙ୍କୁ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଜନାର୍ଦ୍ଦନ ଶତପଥୀ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ନାଗରିକ ସମାଜସେବୀ ମଧୁସୂଦନ ଦାସ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ସାହୁ, ଶିକ୍ଷାବିତ୍ ସନାତନ ସାହୁ, ମାୟାଧର ବାରିକ, ମହେଶ୍ୱର ମହାନ୍ତ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପାତ୍ର। ଅତିଥି ପରିଚୟପ୍ରଦାନ କରିଥିଲେ ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା। ବିଦ୍ୟାଳୟର ଶିକ୍ଷକ ଦିଗାମ୍ବର ବାରିକ୍, ରବିନାରାୟଣ ସାହୁ, ପ୍ରଭାତ ରଞ୍ଜନ ନାୟକ, ଗୌତମ ପଲେଇ, ବସନ୍ତ କୁମାର ମହାନ୍ତ, ନୃସିଂହ ପଲେଇ, ଗଣେଶ୍ୱର ବଳ ଓ ଯତୀନ୍ଦ୍ର କୁମାର ସାହୁ ସହଯୋଗ କରିଥିଲେ।

# ଶିମିଳିପାଳକୁ ଜାତୀୟ ଉଦ୍ୟାନ ସ୍ୱୀକୃତି ପ୍ରଦାନ ଦିବସ

ବେତନଟୀ, ୨୪।୪(ସମିସ)

ଶିମିଳିପାଳ ଇକୋ ଫ୍ରେଣ୍ଡସ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ମୟୂରଭଞ୍ଜ ଓ ସିଭିଲ ସୋସାଇଟି ବେତନଟୀର ମିଳିତ ଉଦ୍ୟମରେ ବିଶ୍ୱ ବିଖ୍ୟାତ ଶିମିଳିପାଳକୁ ଜାତୀୟ ଉଦ୍ୟାନ ସ୍ୱୀକୃତିର ପ୍ରଥମ ବାର୍ଷିକ ସ୍ମୃତି ଦିବସ ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତନଟୀର ଅନେକ ଅଗ୍ରଣୀ ସାମାଜିକ ସଂଗଠନ ସିଭିଲ ସୋସାଇଟି, ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି, ମୟୂର ସାହିତ୍ୟ ସଂସଦ, ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ପରିଷଦ କବି ସଙ୍ଗମ, ବିକାଶ ମଞ୍ଚ ପ୍ରମୁଖ ସଂଗଠନ, ବେତନଟୀର ବହୁ ବରିଷ୍ଠ ସଚେତନ ନାଗରିକ ଅଂଶଗ୍ରହଣ କରି ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗତବର୍ଷ ଗେଜେଟ ନୋଟିଫିକେସନ ପତ୍ର ସଂଖ୍ୟା -୧୦୦୮ ଏସଆରଓ ସଂଖ୍ୟା- ୨୮୧/୨୦୨୫, ୨୪.୦୪.୨୦୨୫ରେ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କରିଥିବାରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ



ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ଶିମିଳିପାଳ ଆମର ଗର୍ବ ଓ ଗୌରବ। ଶିମିଳିପାଳ ସୁରକ୍ଷା ଜୀବଜଗତର ସୁରକ୍ଷା ସ୍ଲୋଗାନ ଦେଇ ଶିମିଳିପାଳର ସୁରକ୍ଷା ଓ ବିକାଶ ପାଇଁ ସର୍ବସାଧାରଣରେ ସଚେତନତା ସୃଷ୍ଟି କରିଥିଲେ। ସିଭିଲ ସୋସାଇଟିର ସାଧାରଣ ସମ୍ପାଦକ ଆଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ଶିମିଳିପାଳକୁ ଜୀବ ଜଗତର ଜୀବନ ନାଟିକା କହି ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ହେଲେ ଶିମିଳିପାଳର ସୁରକ୍ଷା ଓ ବିକାଶ ଅତିଆବଶ୍ୟକ ବୋଲି କହିଥିଲେ।

କବି ସଙ୍ଗମର ସଭାପତି କବି ବାସୁଦେବ ନାପିତ ଶିମିଳିପାଳ ଭିତରର କିଛି ଅଙ୍ଗେ ଲିଭା ଅନୁଭୂତି କଥା କହି ବିଶ୍ୱ ଦରବାରରେ ଶିମିଳିପାଳ ଆମର ପରିଚୟ ବୋଲି କହିଥିଲେ। ବିକାଶ ମଞ୍ଚର ଆବାହକ ତଥା ଫରେଷ୍ଟ ପ୍ରୋଟେକ୍ସନ କମିଟି ବେତନଟୀର ଉପସଭାପତି ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ରୋଟାରୀ କ୍ଲବର ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ସମାଜସେବୀ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଶିମିଳିପାଳର ବୈଶିଷ୍ଟ ବିଷୟରେ ଆଲୋକପାତ କରିଥିଲେ। ଡକ୍ଟର ରମାକାନ୍ତ ମହାନ୍ତ ସ୍ୱାଧୀନତାର ୭୯ ବର୍ଷ ପରେ ଅନେକ ସଂଘର୍ଷ, ସଂଗ୍ରାମ, ନିରନ୍ତର ବହୁ ବର୍ଷ ଧରି ଦାବି କରିବା ପରେ ଗତବର୍ଷ ଏପ୍ରିଲ ୨୪ ତାରିଖ ଦିନ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କରାଯାଇଥିବାରୁ କୃତଜ୍ଞତା ଜଣାଇଥିଲେ। ବରିଷ୍ଠ ନାଗରିକ ଗୌତମ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ଉ, ୪ ଜୁଆଡ଼ି ଗିରଫ

**ରାଇରଙ୍ଗପୁର/କରଞ୍ଜିଆ, ୨୪।୪ (ସମିସ):** କରଞ୍ଜିଆ ଥାନା ପୁଲିସ ଜୁଆ ଆଡ୍ଡାରେ ଚଢ଼ଉ କରି ୪ ଜଣ ଜୁଆଡିଙ୍କୁ ଗିରଫ କରିଛି। ଜୁଆଡିମାନେ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ବାଲିପୋଷି ଗ୍ରାମର ରାଇସେନ ସିଂ (୨୫), ଶିବଶଙ୍କର ଟୁଡୁ (୪୨), କାଳାକଡ଼ା ଗ୍ରାମର ବୁଧୁରାମ ସିଂ (୩୩) ଓ କେନଝର ଗ୍ରାମର ରବୀନ୍ଦ୍ର ପାତ୍ର (୫୨)। ପୁଲିସ ପାଟ୍ରୋଲିଂ ସମୟରେ ଜୁଆ ଖେଳ ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଯାହାକୁ ନେଇ କାଡ଼ଡିହା ଗ୍ରାମର ସାପ୍ତାହିକ ହାଟରେ ପୁଲିସ ଚଢ଼ଉ କରିଥିଲା। ପୁଲିସକୁ ଦେଖି କିଛି ଜୁଆଡି ଚମ୍ପଟ ମାରିଥିବାବେଳେ ୪ ଜଣ ଗିରଫ ହୋଇଛନ୍ତି। ଜୁଆ ଖେଳ ସାମଗ୍ରୀ, ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି। ଜୁଆ ଖେଳ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହଯୋଗ କରନ୍ତି ବୋଲି ଜଣାପଡ଼ିଛି। ପୁଲିସ ତାଙ୍କୁ ଗିରଫ କରିବାକୁ ପ୍ରଚେଷ୍ଟା ଜାରି ରଖିଛି। ଗିରଫ ୪ ଜଣ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ବସ୍ତା ଶିକ୍ଷା ବିଭାଗର ବିକଳ ଚିତ୍ର**

# ପରିତ୍ୟକ୍ତ ଗୃହକୁ ଅଧିକାରୀ ମରୁଡ଼ି

ବାଲେଶ୍ୱର ସଦର, ୨୪।୪ (ହରିଶଙ୍କର ପାଣି)



ଶିକ୍ଷାର ବିକାଶ ପାଇଁ ସରକାର ପାଣି ସଦୃଶ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ବସ୍ତା ବ୍ଲକରେ ଶିକ୍ଷା ବିଭାଗ ମୁରବି ବିହୀନ ହୋଇ ପଡ଼ିଥିବାରୁ ଏଠାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ବାକୁ ବସିଛି। ଏଠାରେ ବର୍ଷ ବର୍ଷ ଧରି ଏକ ପରିତ୍ୟକ୍ତ ଘରେ ବସ୍ତା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅସୁରକ୍ଷିତ ଭାବେ ଚାଲୁଥିବା ବେଳେ ଅଧିକାରୀଙ୍କ ମରୁଡ଼ି ବୋଝ ଉପରେ ନଳିତା ବିଡ଼ା ସଦୃଶ ସାଜିଛି। ୨୦୨୨ ମସିହାଠାରୁ ବସ୍ତାରେ ସ୍ଥାୟୀ ବିଇଓ ନାହାନ୍ତି। ସେହିପରି ଦୁଇ ଏବିଓ ଓ ଗୋଟେ ପିଅନ ପଦବୀ ଫାଙ୍କା ଅଛି। ସ୍କୁଲ ମାନଙ୍କ ଉପରେ ଶିକ୍ଷା ବିଭାଗର ଅଙ୍କୁଶ ରହୁ ନଥିବାରୁ କାଗଜ କଲମରେ ଉପସ୍ଥିତ ଦର୍ଶାଇ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ସ୍କୁଲରେ ଅନୁପସ୍ଥିତ ରହି ବ୍ୟକ୍ତିଗତ କାର୍ଯ୍ୟରେ ଲାଗିଥିବା ଶିକ୍ଷା ବର୍ଷ ପ୍ରାରମ୍ଭ ରୁ ଦେଖିବାକୁ ମିଳିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବସ୍ତା ବ୍ଲକରେ ସରକାରୀ ଓ ଘରୋଇ ମିଶି ମୋଟ ୨୭୦ଟି ସ୍କୁଲ ଥିବା ବେଳେ ୧୭ଟି କ୍ଲଷ୍ଟର ରହିଛି। ବସ୍ତାରେ ୩ ବର୍ଷ ମଧ୍ୟରେ ୫ ଜଣ ବିଇଓ କାର୍ଯ୍ୟ ଭାର ନେଇ ବଦଳି ହୋଇ ଥିବା ନଜିର ରହିଛି।୨୦୨୨ରେ ସ୍ଥାୟୀ ବି ଇ ଓ ଲଲାଟେନ୍ଦୁ କେଶୋରୀ ଜେନା ଙ୍କ ବଦଳି ପରେ ଆଜି ପର୍ଯ୍ୟନ୍ତ ବସ୍ତା ବ୍ଲକ ରେ ୬ ଜଣ ବି ଇ ଓ ଅତିରିକ୍ତ ଦାୟିତ୍ୱ ନେଇ ବସ୍ତା ଶିକ୍ଷା ଅବସ୍ଥା କୁ ପରଖୁ ଥିବା ଦେଖିବାକୁ ମିଳିଛି। ୨୦୨୨ରେ ସ୍ଥାୟୀ ବିଇଓ ଲଲାଟେନ୍ଦୁ କେଶୋରୀ ଜେନା ଙ୍କ ବଦଳି ପରେ ଆଜି ପର୍ଯ୍ୟନ୍ତ ବସ୍ତା ବ୍ଲକରେ ୬ ଜଣ ବିଇଓ ଅତିରିକ୍ତ ଦାୟିତ୍ୱ ନେଇ ବସ୍ତା ଶିକ୍ଷା ଅବସ୍ଥାକୁ ପରଖୁ ଥିବା ଦେଖିବାକୁ ମିଳିଛି। ୨୦୨୨ ରେ ସ୍ଥାୟୀ ବିଇଓ ଲଲାଟେନ୍ଦୁ କିଶୋର ଜେନାଙ୍କ ବଦଳି ପରେ ନାରାୟନ ଦାସ ଔପଦା ସହିତ ବସ୍ତାର ଅତିରିକ୍ତ ଦାୟିତ୍ୱ, ତାଙ୍କ ପରେ ସ୍ନିଗ୍ଧା ପଣ୍ଡା, ନୀଳଗିରି ସହିତ ବସ୍ତା ଅତିରିକ୍ତ ଦାୟିତ୍ୱ, ତାଙ୍କ ପରେ ସୁଧାଂଶୁ ଶେଖର ଜେନା, ବାଲିଆପାଳ ସହିତ ବସ୍ତା ଅତିରିକ୍ତ ଦାୟିତ୍ୱ, ତାଙ୍କ ପରେ ସୋମା ରାଣୀ ସେଠୀ ବାହାନଗା ସହିତ ବସ୍ତା ଅତିରିକ୍ତ ଦାୟିତ୍ୱ ତାଙ୍କ ପରେ ବସ୍ତା ଶିକ୍ଷା ଅଧିକାରୀ ଭାବରେ ଯଜ୍ଞେଶ୍ୱର ଜେନା ସଦର ସହିତ ବସ୍ତାର ଅତିରିକ୍ତ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେହିପରି ୩ ଏବିଆଇଓ ପଦବୀରୁ ଦୁଇ ପଦବୀ ଫାଙ୍କା ଥିବା ବେଳେ ଦୀର୍ଘଦିନ ଧରି ବସ୍ତା ଶିକ୍ଷା ବିଭାଗ ର କାର୍ଯ୍ୟ ଭାର ତୁଲାଉଥିଲେ ଏବିଇଓ ବାସନ୍ତୀ ପୁଷ୍ଟି। ଗତ ମାର୍ଚ୍ଚ ମାସରେ ତାଙ୍କର ଅବସର ପରେ ପୁଣି ଜଣେ ନୂତନ ଇବିଇଓ ଏଠାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟ ର ଏକ ଏକରରୁ ଅଧିକ ନିଜସ୍ୱ ଜାଗା ଥିବା ବେଳେ ସ୍ଥାୟୀ ଅଧିକାରୀ ଆସୁ ନଥିବାରୁ ନୂତନ ଗୃହ ନିର୍ମାଣ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ପାରୁନଥିବା ଜାଣିବାକୁ ମିଳିଛି। ସେହିପରି ଅଧିକାରୀ ମାନେ ସପ୍ତାହରେ ଦିନେ କି ଦୁଇ ଦିନ କେବଳ ଦସ୍ତଖତ ପାଇ ଆସୁଥିବା ଅଭିଯୋଗ ହେଉଛି। ଏହି ଭଳି ବିଭିନ୍ନ ବିଦ୍ୟାଳୟରେ ଶତାଧିକ ପ୍ରଧାନ ଶିକ୍ଷକ ପଦବୀ ଫାଙ୍କା ଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏହି ସବୁ ସମସ୍ୟା ବସ୍ତା ଶିକ୍ଷା ବିଭାଗକୁ ଦୁର୍ବଳ କରୁଥିବା ରୁ ସମସ୍ତ ସରକାରୀ ସୁବିଧା ପିଲାଙ୍କୁ ମିଳୁଥିବା ବେଳେ ଅଭିଭାବକ ମାନେ ଘରୋଇ ସ୍କୁଲକୁ ଭରଷା କରୁଛନ୍ତି। ସେହିପରି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ବିଭିନ୍ନ ବିଦ୍ୟାଳୟର ବିଭିନ୍ନ ପ୍ରକାର ଅସୁବିଧାର ସମାଧାନ ଅଟକି ରହିଛି। ଅଧିକାରୀ ମାନଙ୍କ ଅଙ୍କୁଶ ରହୁନଥିବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ନିଜର ମନମାନି କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଏଣୁ ଏହି ସବୁ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

- ୪ ବର୍ଷ ଧରି ନାହାନ୍ତି ସ୍ଥାୟୀ ବିଇଓ
- ଦୁଇ ଏବିଇଓ ଓ ପିଅନ ପଦ ଖାଲି

## ୪ ଦିନ ହେଲା ଯୁବକ ନିଖୋଜ ଅଭିଯୋଗ

ଜଳେଶ୍ୱର ବ୍ଲକ, ୨୪।୪ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତ ମାଗୁଣିଆ ପଡ଼ା ଗ୍ରାମର ପଞ୍ଚାନନ ଦିନ୍ଦାଙ୍କ ସାନ ପୁଅ ସତ୍ୟବ୍ରତ ଦିନ୍ଦା ୪ ଦିନ ହେଲା କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। କିସ୍ତିରେ ଟ୍ରାକ୍ଟର ଟିଏ ଆଣି ସେଥିରୁ ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲା କିନ୍ତୁ ଆଜକୁ ୮ ମାସ ପୂର୍ବରୁ ଉକ୍ତ ଟ୍ରାକ୍ଟରରେ ବେଆଇନ୍ ମାଟି ପରିବହନ କରୁଥିବାରୁ ଜଳେଶ୍ୱର ତହସିଲ ପକ୍ଷରୁ ଟ୍ରାକ୍ଟରକୁ ଜବତ କରାଯାଇଥିଲା । ମାନସିକ ସ୍ତରରେ ଭାଙ୍ଗିପଡ଼ି ଗତ ୨୦ ତାରିଖ ଦିନ ସେ ଘରୁ ବାହାରି କୁଆଡେ ପଳାଇଯାଇଛନ୍ତି ଯେ ଆଜକୁ ୪ ଦିନ ହେଲା ଖବର ନାହିଁ। ସତ୍ୟବ୍ରତଙ୍କୁ ଖୋଜିବା ପାଇଁ ରାଇବଣିଆ ଥାନାରେ ପରିବାର ପକ୍ଷରୁ ଜଣାଯାଇଛି।

## ପାଠାଗାରରେ ବିଶ୍ୱ ପୁସ୍ତକ ଦିବସ

ବାଲେଶ୍ୱର,୨୪।୪(ସମିସ): ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପ୍ରତିଷ୍ଠିତ ସୀତା ସୁରେନ୍ଦ୍ର ପାଠାଗାରରେ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। କବି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଯୋଗେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଗ୍ରନ୍ଥଗାରିକ ଗିରିଶ କୁମାର ଷଡ଼ଙ୍ଗୀ, ବରେଣ୍ୟ ଅତିଥି ଭାବେ କ୍ଷୀରଚୋରା ପବ୍ଲିକ ସ୍କୁଲ ଅଧ୍ୟକ୍ଷ ବୃନ୍ଦାବନ ବେହେରା ପ୍ରମୁଖ ଯୋଗଦେଇ ପୁସ୍ତକ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଡ. ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାନ୍ତିଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ପୁସ୍ତକ ସମ୍ପର୍କିତ କବିତା ପାଠୋତ୍ସବ କବି ପ୍ରଭାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କବୟିତ୍ରୀ ବାସନ୍ତୀ ଦାସ, ଜୟଶ୍ରୀ ମିଶ୍ର, ଅର୍ପିତା ଦାସ, ସନ୍ଧ୍ୟା ରାଣୀ ଦାସ, ତପନ କୁମାର ଦାସ, ଦେବାଶିଷ ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ।



## ସୋରରେ ବୁଲିଲା ନିଶାମୁକ୍ତ ଓଡିଶା ଜନ ଜାଗରଣ ଅଭିଯାନ ରଥ

ସୋର, ୨୪।୪ (ସମିସ): ଓଡିଶା କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ନିଶାମୁକ୍ତ ଓଡିଶା ଜନ ଜାଗରଣ ରଥ ଆଜି ସନ୍ଧ୍ୟାରେ ସୋର ସହର ପରିକ୍ରମା କରିଛି। ନିଶାମୁକ୍ତ ଓଡିଶା ଏବଂ ସୁସ୍ଥ ସମୃଦ୍ଧ ଓଡିଶା ନିର୍ମାଣ କରିବା ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି ଉଦେଶ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଏବଂ ରାଜ୍ୟ ଅନୁସୂଚିତ ଜାତି ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସଚେତନତା ରଥ ସୋର ସହର ପରିକ୍ରମା କରିଥିଲା। ଏହି ରଥ ଗତ ଏପ୍ରିଲ ୧୪ ତାରିଖରୁ ଉତ୍କଳମଣି ଗୋପବନ୍ଧୁଙ୍କ ଗ୍ରାମ ସୁଆଣ୍ଡୋ ଠାରୁ ଆରମ୍ଭ କରି ଆଜି ଅଷ୍ଟମ ଦିନରେ ସୋରରେ ପହଞ୍ଚିଥିଲା। ପ୍ରଥମେ ମେଡିକାଲ ଛକ, ଆଶ୍ରମଛକ, ଉତ୍ତରେଶ୍ୱର, ବରଫକଳ ଛକରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ସଭାପତି ବିଧାନ ଚନ୍ଦ୍ର ଜେନା, ସୋର ନିର୍ବାଚନ ମଣ୍ଡଳୀର ଯୁବନେତା ସୁବ୍ରତ ଧଡ଼ା ଯୋଗଦେଇ ଓଡିଶାକୁ ନିଶାମୁକ୍ତ କରିବା ସହିତ ସୁସ୍ଥ ସମୃଦ୍ଧ ଓଡିଶା ଗଠନ ପାଇଁ ସଚେତନ କରାଇଥିଲେ।



## ଜଳେଶ୍ୱରରେ ହେବ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ମିଳନୀ

ଜଳେଶ୍ୱର, ୨୪।୪ (ସମିସ): ଆସନ୍ତା ମଇ ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ଭାଇଚାରାର ସହର ଜଳେଶ୍ୱର ଠାରେ ସର୍ବ ଭାରତୀୟ କ୍ଷେତ ମଜଦୂର ୟୁନିୟନର ୧୧ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଦେଶ ଓ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସହିତ କୃଷି ଓ ଗ୍ରାମୀଣ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ଦୈନନ୍ଦିନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଗଭୀର ଚିନ୍ତନ ହେବ। କ୍ଷେତ ମଜଦୂର ୟୁନିୟନର ଏହି ରାଜ୍ୟ ସମ୍ମିଳନୀକୁ ସୁଚାରୁରୂପେ ଆୟୋଜନ କରିବା ପାଇଁ ଆହୁତ ପ୍ରସ୍ତୁତି ବୈଠକରେ ସଭାପତିତ୍ୱ କରିଥିଲେ ସଂଗଠନର ଜିଲ୍ଲା ସମ୍ପାଦକ ଦୀପ୍ତିମାନ ଆଚାର୍ଯ୍ୟ। ଏହି ବୈଠକରେ କ୍ଷେତ ମଜଦୂର ୟୁନିୟନର ରାଜ୍ୟ ଉପ ସଭାପତି ଶିଶିର ହୁଇ, ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ଭଞ୍ଜ, କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର,ରକ୍ତଦାନ କମିଟିର ଜିଲ୍ଲା ସଭାପତି କମଳ ଚକ୍ରବର୍ତ୍ତୀ, କୃଷକ ସଭାର ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ଡକ୍ଟର ଅଜିତ ମହାନ୍ତି, ମହିଳା ସମିତିର ଜିଲ୍ଲା ସମ୍ପାଦିକା ମମି ପଣ୍ଡା, ଶ୍ରମିକ ନେତା ପଲ୍ଟୁ ଦାସ, ଏସ ଏଫ୍ ଆଇ ନେତା ଚନ୍ଦନ କାମିକା,ପ୍ରମଥ ପ୍ରଧାନ, ମୟୂରଭଞ୍ଜର ଗ୍ରାମୀଣ ଶ୍ରମିକଙ୍କ ନେତା ହରିଶ ସିଂ,ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସଭାପତି ଅଜିତ ଦାସ, ଗୋବିନ୍ଦ ଭଗବାନ, ମମତା ସାହୁ, ସବିତା ଭୂୟାଁ, ସୁଶାନ୍ତ ରାଉତ, ରବିନ୍ଦ୍ର ସେନାପତି, ଧନଞ୍ଜୟ ପଲାଇ,ପ୍ରଶାନ୍ତ ପାତ୍ର, ପ୍ରକାଶ ଦେ, ଆରତୀ ପଲାଇ,ଭାସ୍କର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ସମ୍ମିଳନୀର ସଫଳତା କାମନା କରିଥିଲେ। କ୍ଷେତ ମଜଦୂର ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ ନିର୍ମଳ ନାୟକ ଏବଂ ଉପ ସଭାପତି ବିକର୍ତନ କବି ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକ ଶେଷରେ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି।

## ଜନ ଆକ୍ରୋଶ ଯୁବ ଶୋଭାଯାତ୍ରା

ଜଳେଶ୍ୱର ବ୍ଲକ, ୨୪।୪ (ସମିସ) : ନାରୀ ଶକ୍ତି ସମ୍ମାନ ଓ ଅଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗରେ ଆଜି ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଜଳେଶ୍ୱରଠାରେ ଏକ ବିଶାଳ ଜନ ଆକ୍ରୋଶ ଯୁବ ଶୋଭାଯାତ୍ରା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବିରୋଧୀ ଦଳଗୁଡ଼ିକ ମହିଳାମାନଙ୍କୁ କେବଳ କ୍ଷମତା ରାଜନୀତିର ଏକ ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି। ନାରୀ ଶକ୍ତିର ପ୍ରକୃତ ବିକାଶ ଓ ଅଧିକାରକୁ ରୋକିବା ପାଇଁ ଚେଷ୍ଟା କରୁଥିବା ଏହି ଦଳମାନଙ୍କୁ ଆଗାମୀ ଦିନରେ ଜନତା ଉଚିତ ଶିକ୍ଷା ଦେବେ ବୋଲି ଚେତାବନୀ ଦିଆଯାଇଛି।

## ଓଲଟିଲା ଯାତ୍ରୀବାହୀ ବସ୍, ୫ ଗୁରୁତର

ବାଲେଶ୍ୱର, ୨୪।୪ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ସେରଗଡ ନିକଟରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବାବେଳେ ବସରେ ଥିବା ୫ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୧୫ ରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଛନ୍ତି। ବସଟି ଆସାମ ରାଜ୍ୟରୁ ଶ୍ରମିକ ମାନଙ୍କୁ ନେଇ କେରଳ ଅଭିମୁଖେ ଯାଉଥିବା ସମୟରେ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ଶେରଗଡ଼ ରୋୟାଲ ହିଲ୍ସ ହୋଟେଲ ସମ୍ମୁଖରେ ଭାରସାମ୍ୟ ହରାଇ ଓଲଟିପଡିଥିଲା। ଖବର ପାଇ ଖନ୍ତାପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଖନ୍ତାପଡ଼ା ମେଡିକାଲକୁ ପଠାଇଥିବା ବେଳେ ଅନ୍ୟ ଗୁରୁତର ଆହତ ଥିବା ୫ ଜଣଙ୍କୁ ରେମୁଣା ମେଡିକାଲ କଲେଜ କୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ଜଣାପଡିଛି। ଅନ୍ୟପଟେ ବାଲେଶ୍ୱର ପରିବହନ ବିଭାଗର ଦେବସ୍ମିତା ନାୟକ ଘଟଣା ସ୍ଥଳରେ ପହଁଚି ଆହତ ଙ୍କ ସହିତ ଆଲୋଚନା କରିବା ସହ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଅଗ୍ନିଶମ ବାହିନୀର ୩ଟି ଟିମ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ରେ ସହଯୋଗ କରିଥିଲେ। ଅନ୍ୟ ପଟେ ସମସ୍ତ ଶ୍ରମିକ ମାନଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରିବା ସହ ଜିଲ୍ଲା ପ୍ରଶାସନ ଗନ୍ତବ୍ୟ ସ୍ଥଳ କୁ ପଠାଇବା ପାଇଁ ବ୍ୟବସ୍ଥା କରିଥିବା ପରିବହନ ବିଭାଗର ଅଧିକାରିଣୀ ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରିଛି।

## 'ଭାଷାବିକାଶ ଇତିହାସ' ଶୀର୍ଷକରେ ନାଟକ ପ୍ରଦର୍ଶନୀ



ବାଲେଶ୍ୱର,୨୪।୪ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଏକ ଐତିହାସିକ ନାଟକ 'ଭାଷାବିକାଶ ଇତିହାସ' ଶୀର୍ଷକରେ ସ୍ରଷ୍ଟା ନାଟ୍ୟାଳୟରେ ପ୍ରଦର୍ଶିତ ହୋଇଯାଇଛି। ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ କଥୋପକଥନ ମାଧ୍ୟରେ ହାସ୍ୟରସାତ୍ମକ ଏହି ନାଟକ ରଚିତ ହୋଇ ଅନୁଷ୍ଠାନର ଇତିହାସକୁ ପ୍ରାଞ୍ଜଳ ଭାବରେ ପରିବେଷଣ କରାଯାଇଥିଲା। ନିର୍ଦ୍ଦେଶକ ଗୌରୀଶଙ୍କର ସାହାଣୀଙ୍କ ନିର୍ଦ୍ଦେଶନାରେ ପଣ୍ଡିତ ସଂଜୟ କୁମାର ପଣ୍ଡା, ପ୍ରଭାକର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଜୁମରନାଥ ପାତ୍ର, ପ୍ରଫୁଲ୍ଲ କୁମାର ଦାସ ଓ ଶ୍ୟାମରାୟ କର ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରିପାରିଥିଲେ। ନାଟକ ମଧ୍ୟରେ ସ୍ଥାନ ପାଇଥିବା ତିନୋଟି ସଙ୍ଗୀତରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ସ୍ନିଗ୍ଧ ସାମନ୍ତରାୟ, ସୁନାମଣି ଜେନା, ଶାନ୍ତି ବିଶି, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ସଙ୍ଗୀତା ବାରିକ ପ୍ରମୁଖ ନୃତ୍ୟାଭିନୟ କରିଥିଲେ। ତୃପ୍ତିରାଣୀ ପାତ୍ର ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଗୌରୀଶଙ୍କର ସହାଣୀଙ୍କୁ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସମ୍ବର୍ଦ୍ଧିତ କରିଥିଲେ। ନାଟକଟିକୁ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ନାଟ୍ୟାୟନ କରିଥିବାବେଳେ ଦୀପକ ବୋଷ ଭାଷା ସଙ୍ଗୀତ ରଚନା କରିଥିଲେ। ନାଟକର ପରବର୍ତ୍ତୀ କାର୍ଯ୍ୟକ୍ରମରେ ଭାଷାବିକାଶ ବସନ୍ତ ସଂଖ୍ୟା: ୨୦୨୬ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉପସଭାପତି ନିରଂଜନ ରାଉତ ନାଟକଟି ଖୁବ୍ ଉପଭୋଗ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଗୌରୀଶଙ୍କର ସାହାଣୀ ଭାଷା ବିକାଶ ଆନ୍ଦୋଳନର ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଅନେକ ପ୍ରଭାବିତ ହୋଇପାରିବେ ବୋଲି ମତ ଦେଇଥିଲେ। ଏହି ପତ୍ରିକାରେ ୧୦୯ ଜଣଙ୍କ "ଉଡ଼ିବାକୁ ଡେଣା ପ୍ରସାରିଲି ଯେ ଆକାଶ କାହିଁ" ଶୀର୍ଷକ କବିତା ଓ ଡାକ୍ତର ନନ୍ଦଙ୍କ ବ୍ୟାସକବି ଓ ବିଶ୍ୱକବି ଶୀର୍ଷକ ପ୍ରବନ୍ଧ ସ୍ଥାନିତ ହୋଇଛି। ଜୁମରନାଥ ପାତ୍ର ଅତିମାନଙ୍କୁ ମଞ୍ଚାସୀନ କରାଇଥିବା ବେଳେ ଶାନ୍ତଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡ. ଭାଗବତ ପ୍ରସାଦ ଦାସ, ଅରୁଣା ରାୟ, ପ୍ରଫେସର ରଶ୍ମିରେଖା ପତି, ଅଞ୍ଜଳି ପଣ୍ଡା, ଉର୍ମିଳା ନାୟକ, ଡ. ପ୍ରଶାନ୍ତ ମହାନ୍ତି, ଡ. କ୍ଷିତୀଶ୍ୱର ଦାଶ, ଡ. ସାରଙ୍ଗଧର ତ୍ରିପାଠୀ, ତପନ ରାୟ, ପ୍ରଦୀପ ମିଶ୍ର, ପଦ୍ମଲୋଚନ ପ୍ରଧାନ, ଜ୍ୟୋତ୍ସ୍ନା ରାୟ, ସୁବ୍ରତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ ନମ୍ବର ୱାର୍ଡରେ କିଶୋରୀ ମେଳା



ବାଲେଶ୍ୱର,୨୪।୪ (ସମିସ): ୧୭ ନମ୍ବର ୱାର୍ଡ ବ୍ରଜେଶ୍ୱର ମନ୍ଦିରଠାରେ ପୌରପାଳିକା ଆଇସିଡିଏସ ପକ୍ଷରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ସୁପରଭାଇଜର ମଧୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଶଶିରେଖା ମହାନ୍ତି ଯୋଗଦେଇ କିଶୋରୀ ମାନଙ୍କ ଆତ୍ମନିର୍ଭରତା ବୃଦ୍ଧି, ମାସିକ ସ୍ୱାସ୍ଥ୍ୟ ସଚେତନତା, ପ୍ରତିଭା ବିକାଶ ଓ ଶିକ୍ଷାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶେଫାଳୀ ମହାନ୍ତି, ସସ୍ମିତା ମହାନ୍ତି, ସସ୍ମିତା ଭୂୟାଁ, ପ୍ରତିମା ପରମାଣିକ ଓ ସ୍ୱର୍ଣ୍ଣଲତା ଘୋଷ ପ୍ରମୁଖ ପରିଚାଳନା କରିଥିଲେ।

## ନୋଟିସରେ ସୀମିତ ସକାଳୁଆ ଅଫିସ

ଜଳେଶ୍ୱର ବ୍ଲକ, ୨୪।୪ (ସମିସ) : ସରକାରଙ୍କ ନିର୍ଦ୍ଦେଶାନୁସାରେ ଗ୍ରୀଷ୍ମ ଋତୁରେ ସମସ୍ତ ସରକାରୀ କାର୍ଯ୍ୟାଳୟ ସକାଳ ୭ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଖୋଲିବ। ସମସ୍ତ ଅଧିକାରୀ ଓ ଓ କର୍ମଚାରୀଙ୍କ ସମୟରେ ଅଫିସ ଆସିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ମାତ୍ର ହାତିଗର୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହା କେବଳ ନୋଟିସରେ ସୀମିତ ରହିଛି। ଠିକ୍ ସମୟରେ ଅଧିକାରୀମାନେ ପହଞ୍ଚୁ ନଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ସକାଳ ସାଢ଼େ ୭ ଟାଟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟାଳୟ ଖୋଲାଥିଲେ ସୁଦ୍ଧା ଦିନ ୧୦.୧୫ ପର୍ଯ୍ୟନ୍ତ ବି.ପି.ଏମ୍ ସ୍ମିତା ପ୍ରାମାଣିକ , ଆକାଉଣ୍ଟାଣ୍ଟ ଅଧକାରୀ କ୍ଷୀରୋଦ ଚନ୍ଦ୍ର ପରିଡ଼ା , ବି.ଡି.ଏମ୍ ସୁକାନ୍ତ ପ୍ରଧାନଙ୍କ ସିଟ୍ ଖାଲିପଡ଼ିଥିଲା। ତଳ ଓ ଉପର ତାଲାର ଅନେକ କକ୍ଷରେ ତାଲା ଝୁଲୁଥିଲା। କିଛି ଡାକ୍ତର ରୋଗୀଙ୍କ ସେବା କରୁଥିବା ଏମ୍ ଆର୍ ଆଇ ଦୀପକ କୁମାର ମହାନ୍ତି ଉପସ୍ଥିତ ଥିବା ଦେଖାଯାଇଥିଲା । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅମୂଲ୍ୟ ଦାସଙ୍କୁ ଘଟଣା ସମ୍ପର୍କରେ ଅବଗତି କଲାରୁ ସେ କହିଥିଲେ ମୁଁ ତୁରନ୍ତ ଏ ବାବଦରେ ଏକ ଟିମ୍ ଗଠନ କରି ତଦନ୍ତ କରି କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭିନ୍ନକ୍ଷମ ବିଦ୍ୟାଳୟର ଅତ୍ୟାଧୁନିକ ରୋଷେଇ ଗୃହ ଓ ଭୋଜନଶାଳା ଉଦ୍‌ଘାଟିତ

ଜଳେଶ୍ୱର, ୨୪।୪ (ସମିସ): ଜଳେଶ୍ୱର ବିଧାୟକଙ୍କ ଦ୍ୱାରା ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟର ଅତ୍ୟାଧୁନିକ ରୋଷେଇ ଗୃହ ଓ ଭୋଜନଶାଳା ଉଦ୍‌ଘାଟିତ। ଓଡିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ଦ୍ୱାରା ପ୍ରଦତ୍ତ ନବ ନିର୍ମିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟର ଅତ୍ୟାଧୁନିକ ରୋଷେଇ ଗୃହ ଓ ଭୋଜନାଳୟକୁ ଆଜି ଜଳେଶ୍ୱର ବିଧାୟକ ତଥା ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା ଉପସ୍ଥିତ ରହି ଓଡିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନର ଏହି ମହତ ଦାନକୁ ପ୍ରଶଂସା କରିଥିଲେ। ପରବର୍ତୀ ସମୟରେ ଜିଲ୍ଲାପାଳଙ୍କ ଦ୍ୱାରା ପିଲା ମାନଙ୍କର ଖାଇବା ଟେବୁଲ ଓ ଚୌକିର ବ୍ୟବସ୍ଥା କରାଇବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ କମଳ ଚକ୍ରବର୍ତ୍ତୀ, ଲେଲିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅନ୍ୱେଷଣ'

ବାଲେଶ୍ୱର,୨୪।୪ (ସମିସ): କଳସ ଶୋଭାଯାତ୍ରା ମାଧ୍ୟମରେ ସାରଡାଙ୍ଗ ଉତ୍ସବ ଆରମ୍ଭ ହୋଇ ପ୍ରଥମ ଥର ଶ୍ରୀ ଜଗନ୍ନାଥ ସେବା ସଂଗଠନ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ "ଅନ୍ୱେଷଣ' ଆୟୋଜନ କରାଯାଇଥିଲା। ନୃତ୍ୟ, ଅଭିନୟ, ଶଙ୍ଖଧ୍ୱନୀ ଓ ଲକ୍ଷ୍ମୀପୂରାଣ ଆବୃତ୍ତି ମାନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଥିଲା। ସାରଡାଙ୍ଗ ହରିହାଟ କମିଟିର ସଭାପତି ତଥା ଶ୍ରୀ ଜଗନ୍ନାଥ ସେବା ସଂଗଠନର ମୁଖ୍ୟ ପରିଚାଳକ ଅନିରୁଦ୍ଧ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଖଇରା ଓ ସିମୁଳିଆ ବ୍ଲକର ମୋଟ ୭୨ ଜଣ ପ୍ରତିଯୋଗୀ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୫ରୁ ୧୦ ବର୍ଷ ବର୍ଗରେ ତାନଭି ଦଳେଇ ପ୍ରଥମ, ଅଙ୍କିତା ମହାନ୍ତି ଦ୍ୱିତୀୟ ଓ ଦିପ୍ତୀରେଖା ରାଉତ ଏବଂ ଯାଜ୍ଞସେନୀ ଜେନା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ୧୧ରୁ ୧୬ ବର୍ଷ ବର୍ଗରେ କୃଷ୍ଣା ପାଢ଼ୀ ପ୍ରଥମ, ହରପ୍ରିୟା ଜେନା ଦ୍ୱିତୀୟ ଓ କଳ୍ପନା ପରିଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ସାଂସ୍କୃତିକ ସନ୍ଧ୍ୟାର ତୃତୀୟ ଦିନରେ ବିଭିନ୍ନ ପ୍ରତିଭା ସମ୍ପନ୍ନ କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯାଇଥିଲା। ବିଚାରକ ମଣ୍ଡଳୀ ଭାବେ ନୃତ୍ୟ ଗୁରୁ ମନୋରଞ୍ଜନ ମହାନ୍ତି, ନିରଞ୍ଜନ ସାମଲ ଓ ମନୋରଞ୍ଜନ ଶିଅଳ ଯୋଗଦେଇ ମୂଲ୍ୟାୟନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥବା ପ୍ରତିଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଗନେଉଥିବା ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜଗନ୍ନାଥ ସେବା ସଂଗଠନର ପରିଚାଳକ ତଥା ହରିହାଟ କମିଟି ଅନିରୁଦ୍ଧ ପଣ୍ଡାଙ୍କ ସମେତ ସମ୍ପାଦକ ଜ୍ୟୋତିପ୍ରକାଶ କର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ, ସଦସ୍ୟ ଭାସ୍କର ଘଡେଇ, କୈଳାସ ଦାସ, ଶୁକ ଜେନା, ବସନ୍ତ ଦାସ, ଗଙ୍ଗା ସେଠୀ, ଦିଲ୍ଲୀପ କର, ଅକ୍ଷୟ ଜେନା, ସରୋଜ ବେହେରା, ସୀତାକାନ୍ତ ପତି ଓ ଉପଦେଷ୍ଟା ଭାବେ ନାରାୟଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ଛାୟାକାନ୍ତ ମହାନ୍ତି, ବୈକୁଣ୍ଠ ସେଠୀ, ଛୁଟି ମିଶ୍ର, ନବକିଶୋର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



# ଟ୍ରାଫିକ ଛକରେ ଆରମ୍ଭ ହେଲା ଗ୍ରୀନ୍ ସେଡ୍ କାମ

ବାଲେଶ୍ୱର,୨୪।୪ (ସମିସ)



'ସକାଳ' ପ୍ରଭାବ

'ଟ୍ରାଫିକ ଛକରେ ଖରାରେ ନୟାନ୍ତ ପଥଚାରୀ, ଟ୍ରାଫିକ ପଏଣ୍ଟରେ ଏଯାଏଁ ହେଲାନି ସେଡ୍' ଶୀର୍ଷକରେ ଖବର ପ୍ରକାଶ ପରେ ସହରରେ ଆରମ୍ଭ ହୋଇଛି ସେଡ୍ ସ୍ଥାପନ କାମ। ନିର୍ଦ୍ଦେଶ ପରେ ବି ବିଳମ୍ବରେ ସ୍ଥାପନ ହେଉଛି ସହରରେ ଗ୍ରୀନ୍ ସେଡ୍। ଆଇଟିଆଇ ଛକ ପରି ବିଭିନ୍ନ ମୁଖ୍ୟ ଛକରେ ଏହି ନିର୍ମାଣ ପାଇଁ କାର୍ଯ୍ୟାଦେଶ ରହିବା ସତ୍ତ୍ୱେ ବି ବିଳମ୍ବରେ ଆରମ୍ଭ ହୋଇଛି ନିର୍ମାଣ କାମ। ଯାହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଖରାରୁ ରକ୍ଷା ପାଇଁ ଶୀଘ୍ର ସେଡ୍ ନିର୍ମାଣ ପାଇଁ ଦାବି କରିଥିଲେ। ଏନେଇ ଟେଣ୍ଡର ମାଧ୍ୟମରେ ଆଇଟିଆଇ ଛକରେ ବାଉଁଶ ପୋତା ହୋଇ କାମ ଆରମ୍ଭ ହୋଇଛି। ଯାହା ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ଆଇଟିଆଇ ପରି ଆହୁରି ତିନୋଟି ଛକରେ ଗ୍ରୀନ୍ ସେଡ୍ ନିର୍ମାଣ ହେବ। ଯାହା ଆସନ୍ତା ଦେଢ ମାସ ଯାଏଁ ରହିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ବାଲେଶ୍ୱର ପୌରପାଳିକା ଅଧୀନରେ ରାସ୍ତା ବ୍ୟବହାରକାରୀଙ୍କ ପାଇଁ ଟ୍ରାଫିକ୍ ଜଙ୍କସନ ତଥା ପୋଷ୍ଟରେ ଚାନ୍ଦୁଆ(କାନୋପି) ବା ଗ୍ରୀନ୍ ସେଡ୍ ସ୍ଥାପନ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ସେଡ୍ କାର୍ଯ୍ୟ ସ୍ଥାପନ ପାଇଁ ଟେଣ୍ଡର କମିଟି ଦ୍ୱାରା ଗ୍ରହଣ କରାଯାଇଛି। ତେଣୁ ବାଲେଶ୍ୱର ପୌରପାଳିକା ଅଧୀନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ୍ ଜଙ୍କସନରେ ଘନ କପଡା ଆବରଣ (୨୦ ଫୁଟ ଉଚ୍ଚତା) ସହିତ ଦୃଢ଼ ବାଉଁଶ ଗଠନରେ ନିର୍ମିତ ଅସ୍ଥାୟୀ ଚାନ୍ଦୁଆ ସ୍ଥାପନ କାର୍ଯ୍ୟ କରିବାକୁ ବାଲେଶ୍ୱର ପୌରପାଳିକା ପକ୍ଷରୁ ଚଳିତ ମାସ ୧୫ ତାରିଖ ଦିନ ମାଣିଖମ୍ବ ଅଞ୍ଚଳର ସନ୍ତୋଷ କୁମାର ଦେଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଆଇଟିଆଇ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାଶ୍ୱର୍, ଷ୍ଟେସନ୍ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାଶ୍ୱର୍, ପୁଲିସ୍ ଲାଇନ ଛକ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ପାଶ୍ୱର୍ ଏବଂ ଜିଲ୍ଲା ମୁଖ୍ୟ ହସ୍ପିଟାଲର ସମ୍ମୁଖରେ ଏହି ସେଡ୍ ନିର୍ମାଣ ହେବ। ଏହି ସେଡ୍ ଗୁଡିକ ଯେପରି ଯାତାୟାତରେ କୌଣସି ବାଧା ସୃଷ୍ଟି କରିବ ନାହିଁ ଏବଂ ପ୍ରତିକୂଳ ପାଗ ପରିସ୍ଥିତିକୁ ସହ୍ୟ କରିବା ପାଇଁ ଗଠନ ଯଥେଷ୍ଟ ମଜବୁତ ହେବା ଉଚିତ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟଟି ତୁରନ୍ତ ଗ୍ରହଣ କରାଯିବ ଏବଂ ଏହି ନିର୍ଦ୍ଦେଶ ଜାରି ହେବାର ତାରିଖରୁ ତିନି ଦିନ ମଧ୍ୟରେ ପୌର ଯନ୍ତ୍ରୀ/ସହକାରୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମାପ୍ତ କରାଯିବ। ହେଲେ ନିର୍ଦ୍ଦେଶ ଦେବା ପରେ ଏହି କାର୍ଯ୍ୟ ଯଥେଷ୍ଟ ବିଳମ୍ବରେ ଆରମ୍ଭ ହୋଇଛି। ଯାହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସେଡ୍ ନିର୍ମାଣ ପାଇଁ ପ୍ରାୟ ୮-୯ ଲକ୍ଷ ଟଙ୍କା ପୌରପାଳିକା ଫଣ୍ଡରୁ ଖର୍ଚ୍ଚ ହେଉଛି। ଏଥିପାଇଁ ଟେଣ୍ଡର ହୋଇ କାମ ହେଉଛି। ଏହି ସେଡ୍ ଗୁଡିକ ଅବଶ୍ୟ କିଛି ଦିନ ବିଳମ୍ବରେ ନିର୍ମାଣ ହେଉଛି। ତେବେ ଏହି ସେଡ୍ ଦେଢ ମାସ ଯାଏଁ ରହିବ। ଯଦି ଏହି ଦେଢ ମାସ ଭିତରେ କିଛି ସେଡ୍ ଭାଙ୍ଗେ ତାହେଲେ ୧୨ ଘଣ୍ଟା ମଧ୍ୟରେ ଟେଣ୍ଡର ନେଇଥିବା ଲୋକ କାମ କରିବ। ଏ ନେଇ ଏଗ୍ରିମେଣ୍ଟ ମଧ୍ୟ ହୋଇଛି। ବର୍ତ୍ତମାନ ସ୍ଥାୟୀ ସେଡ୍ ନିର୍ମାଣ ନେଇ ଚିନ୍ତା ହୋଇନାହିଁ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

